
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୩ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 December 2025
Vol.No. 36 ■ No.337 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# 'ସରକାର ଆଇନଶୃଙ୍ଖଳା ରକ୍ଷାରେ ଅକ୍ଷମ': ୟୁନୁସ ସରକାରଙ୍କୁ କଡ଼ା ନିନ୍ଦା କଲେ ଶେଖ୍ ହସିନା

## ବାଂଲାଦେଶରେ ହିନ୍ଦୁ ଓ ଭାରତୀୟ ଦୂତାବାସ ଆକ୍ରମଣ ପରେ ବଢୁଛି ତିକ୍ତତା, ଚେତାବନୀ ଦେଲା ଋଷ



ନୂଆଦିଲ୍ଲୀ,୨୨/୧୨ : ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ, ମୁହଁ ଖୋଲିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା । ଭାରତର ଉତ୍ତର-ପୂର୍ବ ଓ ଚିକେନ ନେକ କରିଡରକୁ ନେଇ ହେଉଥିବା ବୟାନବାଜି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେପଟେ ଓସମାନ ହାଦୀକୁ ହତ୍ୟା ଓ ହିନ୍ଦୁ ଯୁବକଙ୍କୁ ବିଭତ୍ସଭାବେ ହତ୍ୟା କରାଯିବା ପରେ ବାଂଲଦେଶ ଜଳୁଛି । ଅଳ୍ପସଂଖ୍ୟକ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ ପରେ ଉଭୟ ଭାରତ ସହ ବିଗିଡିଛି ବାଂଲାଦେଶର ସମ୍ପର୍କ । ଏହା ଭିତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବଡ ବୟାନ ସାମ୍ନାକୁ ଆସିଛି । ବାଂଲାଦେଶରେ ବିଗୁଡୁଥିବା ସ୍ଥିତି ପାଇଁ ଅନ୍ତରୀଣ ୟୁନୁସ୍ ସରକାର ଦାୟୀ। ତାଙ୍କ ଇସାରାରେ ହିନ୍ଦୁଙ୍କୁ ଆକ୍ରମଣ ଓ ଅତ୍ୟାଚାର କରାଯାଉଛି । ୟୁନୁସଙ୍କ ଛତ୍ରଛାୟାରେ ବଢୁଛି ଉଗ୍ରବାଦୀ ଗତିବିଧି। କଠୋରପନ୍ଥୀଙ୍କ ବଳ ସାଜିଛନ୍ତି ୟୁନୁସ୍। ସଜା କାଟୁଥିବା ଉଗ୍ରବାଦୀଙ୍କୁ ମୁକ୍ତ କରାଯାଇଛି। ଦକ୍ଷିଣ ଏସିଆ ପାଇଁ ବିପଦ ବଢୁଛି। ୟୁନୁସଙ୍କ ନୀତି ପାଇଁ ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି। ଚିକେନ୍ ନେକକୁ ନେଇ ଭାରତକୁ ବାରମ୍ବାର ଧମକ ଦେବା ଉଚିତ ନୁହେଁ। ୟୁନୁସଙ୍କ ହାତରେ ଅସୁରକ୍ଷିତ ବାଂଲାଦେଶ। ହସିନା ଆଶା ବ୍ୟକ୍ତ କରିଛନ୍ତି ଯେ ଏଥରକ ନିର୍ବାଚନରେ ଦେଶହିତ ସରକାର ଗଠନ ହେବ ଓ ବାଂଲାଦେଶକୁ ଶାନ୍ତି ଫେରିବ । ଜୁଲାଇ ମାସରେ ଛାତ୍ର ଆନ୍ଦୋଳନ ତାତି ଭିତରେ ଜଳିଥିଲା ବାଂଲାଦେଶ ଓ ଦେଶ ଛାଡି ବର୍ତ୍ତମାନ ଭାରତରେ ଆଶ୍ରୟ ନେଇଛନ୍ତି ହସିନା ।

# ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏଫଟିଏ ଘୋଷଣା: ୨୦ ନିୟୁତ ଡଲାରର ନିବେଶ



ନୂଆଦିଲ୍ଲୀ,୨୨।୧୨: ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଭାରତ ଆଉ ଏକ ବଡ଼ କୂଟନୈତିକ ସଫଳତା ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଏକ ଟେଲିଫୋନ ବାର୍ତ୍ତାଳାପ ସମୟରେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମିଳିତ ଭାବରେ ଘୋଷଣା କରାଯାଇଥିଲା। ଏହି ଚୁକ୍ତିନାମା କେବଳ ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଉନ୍ନତ କରିବ ନାହିଁ ବରଂ ସୁରକ୍ଷାବାଦୀ ଆମେରିକା ବାଣିଜ୍ୟ ନୀତି ସାମ୍ନାରେ ଭାରତର ବିକଳ୍ପ ବିଶ୍ୱ ସହଭାଗୀତାକୁ ମଧ ମଜବୁତ କରିବ। ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ମାର୍ଚ୍ଚ ୨୦୨୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଲକ୍ସନ ଭାରତ ଗସ୍ତ କରିଥିଲେ। ମାତ୍ର ନଅ ମାସର ରେକର୍ଡ ସମୟ ମଧ୍ୟରେ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହେବା ଦୁଇ ଦେଶ ମଧ୍ୟରେ ରାଜନୈତିକ ଇଚ୍ଛାଶକ୍ତି ଏବଂ ରଣନୈତିକ ବୁଝାମଣାକୁ ଦର୍ଶାଏ। ଦୁଇ ନେତା ସହମତ ହୋଇଥିଲେ ଯେ ରଞ୍ଜଇ କାର୍ଯ୍ୟକାରୀ ହେବା ପରେ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଦ୍ୟମାନ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ । ଏହା ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ବାଣିଜ୍ୟ, ନିବେଶ, ନବସୃଜନ ଏବଂ ଯୋଗାଣ ଶୃଙ୍ଖଳା ସହଯୋଗକୁ ନୂତନ ପ୍ରେରଣା ପ୍ରଦାନ କରିବ। ଏହି ଚୁକ୍ତି ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ନିୟୁତ ଡଲାର ନିବେଶ କରିବ। ଏହି ନିବେଶ କୃଷି, ଦୁଗ୍ଧ, ଖାଦ୍ୟ ପ୍ରକ୍ରିୟାକରଣ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ। ନ୍ୟୁଜିଲ୍ୟାଣ୍ଡ ସହିତ ଏହି ଚୁକ୍ତି ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତର ସପ୍ତମ ପ୍ରମୁଖ ରଞ୍ଜଇ। ପୂର୍ବରୁ, ଭାରତ ଓମାନ, ଟଇର, ଟକ, ଅଷ୍ଟ୍ରେଲିଆ, ମରିସସ୍ ଦେଶଗୁଡ଼ିକ ସହିତ ସମାନ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଶୃଙ୍ଖଳା ଏକ ନିର୍ଭରଯୋଗ୍ୟ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭାବରେ ଭାରତର ଦ୍ରୁତ ଉଦୟକୁ ଦର୍ଶାଏ।

# ପ୍ରଦୂଷଣ ଯାଞ୍ଚ ଭ୍ୟାନ୍ ଆଗରେ ପ୍ରବଳ ଭିଡ଼ : ସରକାରୀ ଘୋଷଣା ପରେ ଲୋକ ଛାନିଆ




ଭୁବନେଶ୍ୱର, ୨୨/୧୨ (ନି.ପ୍ର): ପିୟୁସି ସାର୍ଟିଫିକେଟ ନଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ । ସରକାରଙ୍କ ଏହି ଘୋଷଣା ପରେ ହଇରାଣରୁ ବର୍ତ୍ତିବା ପାଇଁ ପଲ୍ୟୁସନ ଟେଷ୍ଟିଂ ଭ୍ୟାନ ଆଗରେ ଲୋକ ଭିଡ଼ କରୁଛନ୍ତି । ପିୟୁସି ସାର୍ଟିଫିକେଟ ଧରି ଶାନ୍ତିରେ ଘରକୁ ଫେରୁଛନ୍ତି । କିନ୍ତୁ ପେଟ୍ରୋଲ ପମ୍ପରେ ପ୍ରଦୂଷଣ ବିହୀନ ପ୍ରମାଣପତ୍ର ଯାଞ୍ଚ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ । ତେଣୁ ଏହାର କାର୍ଯ୍ୟାକାରିତାକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି । ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡ଼ିକୁ ମିଳିବନି ତେଲ । ସରକାରଙ୍କ ଏହି ଘୋଷଣା ଲୋକଙ୍କ ଅକଲଗୁଡୁମ କରି ଦେଇଛି । ଯେମିତି ହେଉ ପ୍ରଦୂଷଣ ପ୍ରମାଣପତ୍ରଟେ ପାଇବାକୁ ଧାଡ଼ି ବାନ୍ଧି ନିଜ ପାଳି ଆସିବାକୁ ଅପେକ୍ଷା କରିଛନ୍ତି ଗାଡ଼ି ଚାଳକ । ଦିନେ କାଁ ଭାଁ ଲୋକ ପ୍ରଦୂଷଣ ଯାଞ୍ଚ ପାଇଁ ଆସୁଥିଲେ । ଏବେ ତେଲ ମିଳିବନି ସେହି ଭୟ ହିଁ ଟେଷ୍ଟିଂ ଭ୍ୟାନ ଆଗରେ ଜମାଇଛି ଭିଡ଼ । ଧିରେ ଧିରେ ଗୁରୁତ୍ୱ ହରାଉଥିବା ପିୟୁସି ସାର୍ଟିଫିକେଟ୍ ଏବେ ଲୋକଙ୍କର ନହାତି ଦରକାରୀ ହୋଇପଡିଛି । କିନ୍ତୁ ଗାଡ଼ିରେ ଯଦି ଫାଇନ ପଡ଼ିଥିବ ତାକୁ ନଭରିବା ଯାଏଁ ପଲ୍ୟୁସନ ସାର୍ଟିଫିକେଟ ବାହାରୁ ନାହିଁ । ତେଣୁ କିଛି ଚାଳକ ନିରାଶ ହୋଇ ଫେରୁଛନ୍ତି । ସରକାର କହିଛନ୍ତି, ପିୟୁସି ସାର୍ଟିଫିକେଟ ନଥିଲେ ତେଲ ମିଳିବ ନାହିଁ । କିନ୍ତୁ ପ୍ରଶ୍ନ ଉଠୁଛି ତେଲ ଟାଙ୍କିରେ ଏହା କେମିତି ଯାଞ୍ଚ କରାଯିବ ? ଏନେଇ କୌଣସି ବ୍ୟବସ୍ଥା ନାହିଁ । ପେଟ୍ରୋଲ ପମ୍ପରେ ଭିଡ଼ ସମୟରେ କେମିତି କାର୍ଯ୍ୟକାରୀ ହେବ ? ସାର୍ଟିଫିକେଟ ଯାଞ୍ଚ କିଏ କରିବ ? ଏ ବାବଦରେ ପୋଟ୍ରେଲ ପମ୍ପ ମାଲିକ ସଂଘକୁ କୌଣସି ସୂଚନା ଦିଆଯାଇ ନାହିଁ । ଏନେଇ ଆଜି ପରିବହନ କମିସନରଙ୍କ ଅଧକ୍ଷତାରେ ଷ୍ଟେକ ହୋଲଡରଙ୍କ ସହ ବସୁଛି ବୈଠକ । ପିୟୁସି ସାର୍ଟିଫିକେଟ ଭଳି ପୂର୍ବରୁ ମଧ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବ୍ୟାନ ସହ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ କରିଥିଲେ ସରକାର। କିନ୍ତୁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବାରୁ କାର୍ଯ୍ୟକାରୀ ହୋଇପାରିଲାନି, ଲୋକ ବି ଦିନ କେଇଟା ପରେ ନିୟମକୁ ଭୁଲିଗଲେ। ପିୟୁସି ସାର୍ଟିଫିକେଟ ନଥିଲେ ତେଲ ନାହିଁ ପାଇଁ ବ୍ୟବସ୍ଥା ବିକଶିତ ନହେଲା ଯାଏଁ କାର୍ଯକାରିତା ଉପରେ ସନ୍ଦେହ ସୃଷ୍ଟି ହୋଇଛି ।

# ଓଡ଼ିଶାରେ ଆସିବ ଶିଳ୍ପ ବିପ୍ଳବ: ୩୦ ଜିଲ୍ଲାରେ ପ୍ରତିଷ୍ଠା ହେବ ୩୦ ଶିଳ୍ପ

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଶିଳ୍ପାୟନ କେବଳ ସ୍ଲୋଗାନରେ ସୀମିତ ରହିବନି । ଅପହଞ୍ଚ, ଉପାନ୍ତ ଜିଲ୍ଲାରେ ପହଞ୍ଚିବ ସରକାରଙ୍କ ଶିଳ୍ପ ବିପ୍ଳବ । ହାଇଦ୍ରାବାଦରୁ ମୁଖ୍ୟମନ୍ତ୍ରୀ ଫେରିବା ପରେ ରାଜ୍ୟବାସୀଙ୍କ ଆଗରେ ରଖିଛନ୍ତି ଶିଳ୍ପର ବ୍ଲୁପ୍ରିଣ୍ଟ । ଆଗକୁ ଶିଳ୍ପ ବିହିନ ଟ୍ୟାଗ୍ ମୁଣ୍ଡାଇବନି ଓଡ଼ିଶାର ଗୋଟିଏ ବି ଜିଲ୍ଲା । ବର୍ଷ ୨୦୨୫, ଶିଳ୍ପ କ୍ଷେତ୍ରରେ ଆଣିଥିଲା ଅନେକ ସମ୍ଭାବନା । ଓଡ଼ିଶାକୁ ପୁଞ୍ଜିନିବେଶର ହବ୍ କରିବାକୁ ଷ୍ଟିୟରିଂ ଧରି ଆଗକୁ ବଢିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗୋଟିଏ ପରେ ଗୋଟିଏ ସମ୍ମିଳନୀ ଜରିଆରେ ପୁଞ୍ଜିନିବେଶକାରୀଙ୍କୁ ରେଡ୍ କାର୍ପେଟ ପକାଇ ନିମନ୍ତ୍ରଣ କରିଥିଲେ ମୁଖ୍ୟମନ୍ତ୍ରୀ । ଏବେ ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ରାଜ୍ୟବାସୀଙ୍କ ଆଗରେ



ଶିଳ୍ପାୟନର ନୂଆ ନକ୍ସା ଆଙ୍କିଛନ୍ତି ମୋହନ ମାଝୀ । ରାଜ୍ୟର ସବୁ ଜିଲ୍ଲାକୁ ପହଞ୍ଚିବ ଶିଳ୍ପ । ଫାର୍ମା ଓ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶା ପାଇବ ନୂଆ ପରିଚୟ । ଏଥିପାଇଁ ୩୮ ନିବେଶକଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ୧୩ଟି ଏମ୍ଓୟୁ ସ୍ୱାକ୍ଷରିତ ହେବା ସହ ୨୭ ହଜାର ୬୫୦ କୋଟି ଟଙ୍କାର ନିବେଶ ଆସିଛି । ଯେଉଁ ସଂସ୍ଥାରେ ପ୍ରାୟ ୧୬ ହଜାର ଯୁବବର୍ଗଙ୍କୁ ମିଳିବ ନିଯୁକ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ବଳ ଯୋଗାଇବ ଓଡ଼ିଶା। ମିସାଇଲ ନିର୍ମାଣ ପାଇଁ ଆବଶ୍ୟକୀୟ ସରଞ୍ଜାମ ଓଡ଼ିଶାରୁ ନିର୍ମାଣ ହେବ । ପୂର୍ବରୁ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଜରିଆରେ ୪ ଲକ୍ଷ ୩୮ ହଜାର ନିବେଶ ଆସିଥିବା ବେଳେ ଏଥିରୁ ୨ ଲକ୍ଷ ୧୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ସରିଲାଣି । ସେହିଭଳି ହାଇଦ୍ରାବାଦ ନିବେଶକ ସମ୍ମିଳନୀରୁ ମଧ ୬୬ ହଜାର ୭୮୧ କୋଟି ନିବେଶ ପ୍ରସ୍ତାବ ଓ ୫୬ ହଜାର ନିଯୁକ୍ତି ପାଇଁ ବାଟ ଫିଟିଛି । ଆଗାମୀ ଦିନରେ ବେଙ୍ଗାଲୁର, କୋଲକାତାରେ ହେବ ନିବେଶକ ସମ୍ମିଳନୀ। କେବଳ ସମ୍ମିଳନୀ କରି ସରକାର ଚୁପ୍ ବସିନାହାନ୍ତି ବରଂ ଏହାକୁ କିଭଳି କାର୍ଯ୍ୟକାରୀ କରାଯିବ ତାହାର ବର୍ଷୱାରୀ ହେବ ହିସାବ କିତାବ ।

## ପାଣ୍ଡିଆନ୍ ଆମ ନେତା ନୁହଁନ୍ତି: ପ୍ରମିଳା ମଲ୍ଲିକ

ଭୁବନେଶ୍ୱର , ୨୨/୧୨ (ନି.ପ୍ର): ବିଜେଡିରେ ପାଣ୍ଡିଆନଙ୍କ ଭୂମିକା ନେଇ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଦେଇଥିବା ମନ୍ତବ୍ୟକୁ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସମର୍ଥନ କରିଛନ୍ତି। ସେ କହିଛନ୍ତି ସମ୍ବିତ ଯାହା କହିଛନ୍ତି ଠିକ୍ କହିଛନ୍ତି, ପାଣ୍ଡିଆନ୍ ଆମ ନେତା ନୁହଁନ୍ତି ।ଆମର ଜଣେ ନେତା ନବୀନ ପଟ୍ଟନାୟକ। ଦଳରେ ଗୋଷ୍ଠୀ କନ୍ଦଳ ନାହିଁ, ସମସ୍ତେ ଠିକ୍ ଓ ସଂଗଠିତ ଅଛନ୍ତି। ଭୋଜିଭାତକୁ ଗୋଷ୍ଠୀକନ୍ଦଳ କହିବା ଠିକ୍ ନୁହେଁ ବୋଲି କହିଛନ୍ତି ପ୍ରମିଳା।

## ସୃଷ୍ଟି ହେଲା ୨୪ ନୂଆ ଏନଏସି ଓ ୫ ମ୍ୟୁନିସିପାଲିଟି

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ୨୪ ନୂଆ ଏନଏସି ଓ ୫ ମ୍ୟୁନିସିପାଲିଟି ନେଇ ସୋମବାର ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୪ ଜିଲାରେ ୨୪ ନୂଆ ଘଇଉ ନେଇ ପ୍ରକାଶ ପାଇଛି ତାଲିକା। ସେହିପରି ୩ଟି ଜିଲାର ୫ ନୂଆ ମ୍ୟୁନିସିପାଲିଟି ନେଇ ବିଜ୍ଞପ୍ତି ଜାରି ହୋଇଛି। ଏନଏସି ତାଲିକାରେ ପାଲଲହଡ଼ା, ସିମୁଳିଆ, ସୋହେଲା, ତିହିଡ଼ି, ଧୂଷୁରୀ, ସାଲେପୁର, ବଡ଼ମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, ବୋରିଗୁମ୍ମା, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର, ବିଷମକଟକ, ବାମରା, ରେଙ୍ଗାଲି, ବୀରମହାରାଜପୁର ରହିଛି। ସେହିପରି ନୂଆ ମ୍ୟୁନିସିପାଲିଟି ତାଲିକାରେ ବୈଦ୍ଧଗଡ଼, ଭଞ୍ଜନଗର, କବିସୂର୍ଯ୍ୟନଗର, ପୋଲସରା, କରଞ୍ଜିଆ ରହିଛି।

# ଚିଟଫଣ୍ଡ ଜମାକାରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି : ଜାନୁଆରି ୩୧ ସୁଦ୍ଧା କ୍ଷତିଗ୍ରସ୍ତଙ୍କୁ ମିଳିବ ଜମା ରାଶି

ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଚିଟଫଣ୍ଡ କ୍ଷୁଦ୍ର ଆବେଦନକାରୀ ଫେରିପାଇବେ ଟଙ୍କା । ବିଭିନ୍ନ ଦୈନିକ ଖବରକାଗଜରେ ଏହି ବିଜ୍ଞାପନ ପ୍ରକାଶ ପାଇବାପରେ ପୁଣି ଥରେ ଏହାକୁ ନେଇ ବଢିଲା ଚର୍ଚ୍ଚା । ଜାନୁଆରୀ ୩୧ ସୁଦ୍ଧା ଜମାକାରୀ ତାଙ୍କ ଜମାରାଶି ଫେରିପାଇବେ ବୋଲି କହିଛି ଅର୍ଥ ବିଭାଗ । ଅନ୍ୟପଟେ ଲକ୍ଷାଧିକ ଟଙ୍କା ଜମାକରିଥିବା ଜମାକାରୀ ଏବେ ବି ଟଙ୍କା ଫେରିବା ଅପେକ୍ଷାରେ । ଖବରକାଗଜରେ ପ୍ରକାଶ ପାଇଥିବା ଏହି ବିଜ୍ଞାପନ ଅନେକଙ୍କୁ ଆଶ୍ୱସ୍ତି ଦେଇଛି । ଚିଟଫଣ୍ଡ କ୍ଷୁଦ୍ର ଆବେଦନକାରୀ ଟଙ୍କା ଫେରିପାଇବେ ବୋଲି ଆଶା ସଞ୍ଚାର ହୋଇଛି । କିନ୍ତୁ ଜୀବନର ସମସ୍ତ ପୁଞ୍ଜି ଚିଟଫଣ୍ଡ ସଂସ୍ଥାରେ ଜମା କରିଥିବା ଅନେକ ଜମାକାରୀ ଏବେବି ଅନିଶ୍ଚିତତା ଭିତରେ । ଭୁବନେଶ୍ୱର ଭୀମଟାଙ୍ଗୀରେ ଦେବଦାସ । ପୁରା ପରିବାର ଏହି ଘରେ ରୁହନ୍ତି। ବାପା-ମା ଉଭୟ ରୋଗୀ। ବାପା ଶଯ୍ୟାଶାୟୀ । ଟଙ୍କା ଜମା କଲେ ଘର ମିଳିବ ।

◆◆ପୃଷ୍ଠା ୭

# ଛତିଶଗଡ଼ର ସୁକମାରେ ବେଆଇନ ନକ୍ସଲ ଅସ୍ତ୍ରଶସ୍ତ୍ର କାରଖାନା ଧ୍ୱଂସ: ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର

ସୁକମା, ୨୨/୧୨ (ନି.ପ୍ର): ସୁକମା ଜିଲ୍ଲାରେ ସୁରକ୍ଷା ବାହିନୀ ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ ବେଆଇନ ନକ୍ସଲ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନାକୁ ଧ୍ୱଂସ କରିଛନ୍ତି। ଆଠଟି ସିଙ୍ଗଲ-ସଟ୍ ରାଇଫଲ୍, ବିପୁଳ ପରିମାଣର ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ତିଆରିରେ ବ୍ୟବହୃତ ଉପକରଣ ଏବଂ ସାମଗ୍ରୀ ଉଦ୍ଧାର କରାଯାଇଛି। ନକ୍ସଲମାନେ ସୁରକ୍ଷା ବାହିନୀକୁ ପ୍ରବଳ କ୍ଷତି ପହଞ୍ଚାଇବା ଲକ୍ଷ୍ୟରେ ଏହି କାରଖାନା ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି କରୁଥିଲେ ।ସୁକମା ପୋଲିସ ଅଧିକ୍ଷକ କିରଣ ଚୌହାନ ସୋମବାର କହିଛନ୍ତି ଯେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ) ର ୧୮୫ତମ ବାଟାଲିୟନର ଜିଏଫ କମ୍ପାନୀ ଏବଂ ଜିଲ୍ଲା ପୋଲିସର ଏକ ମିଳିତ ଦଳ ଗୁଇନ୍ଦା ସୂଚନା ଆଧାରରେ ଗତକାଲି (ଡିସେମ୍ବର ୨୧) ଏକ ସର୍ଚ୍ଚ ଅପରେସନ୍ କରିଥିଲେ। ଏହି ଅପରେସନ୍ ସମୟରେ, ମୀନାଗଟ୍ଟା ଗ୍ରାମ ଅଞ୍ଚଳର ଘନ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ଏକ ଅବୈଧ ନକ୍ସଲ ଅସ୍ତ୍ରଶସ୍ତ୍ର ତିଆରି କାରଖାନା ଆବିଷ୍କୃତ ହୋଇଥିଲା ଏବଂ ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିଲା। ଘଟଣାସ୍ଥଳରୁ ଆଠଟି ସିଙ୍ଗଲ-ସଟ୍ ରାଇଫଲ୍, ଅସ୍ତ୍ରଶସ୍ତ୍ର ତିଆରିରେ ବ୍ୟବହୃତ ଉପକରଣ ଏବଂ ଯନ୍ତ୍ରପାତି, ବନ୍ଧୁକ ଅଂଶ ଏବଂ ବିପୁଳ ପରିମାଣର ବିସ୍ଫୋରକ ସହିତ ଅସ୍ତ୍ରଶସ୍ତ୍ର ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହି କାରଖାନା ନକ୍ସଲମାନେ ଅଞ୍ଚଳରେ ସଶସ୍ତ୍ର କାର୍ଯ୍ୟକଳାପ ବୃଦ୍ଧି କରିବା ଲକ୍ଷ୍ୟରେ ପରିଚାଳନା କରୁଥିଲେ। ସୁରକ୍ଷା ବାହିନୀର ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ, ଏହି ନକ୍ସଲ କାରଖାନାକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରାଯାଇଛି।

# ପ୍ରଦୂଷଣ ସାଙ୍ଗକୁ ଦିଲ୍ଲୀରେ କଲବଲ କରୁଛି ଘନ କୁକୁଡ଼ି : ଉଡ଼ି ପାରୁନି ବିମାନ

ନୂଆଦିଲ୍ଲୀ,୨୨/୧୨ : ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା ହ୍ରାସ ଫଳରେ ଆଜି ୧୦ଟି ବିମାନ ବାତିଲ କରାଯାଇଥିବା ବେଳେ ୧୫୦ରୁ ଅଧିକ ବିମାନର ଉଡ଼ାଣ ବିଳମ୍ବିତ ହୋଇଛି । ଟ୍ରେନ ଚଳାଚଳ ମଧ୍ୟ ହୋଇଛି ବାଧାପ୍ରାପ୍ତ । ପ୍ରବଳ ଶୀତ ଲହରୀ ସହିତ ବାୟୁ ପ୍ରଦୂଷଣ ମଧ୍ୟ ପାଲଟିଛି ଚିନ୍ତାର କାରଣ । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଆଜି ମଧ୍ୟ ସାମଗ୍ରିକ ବାୟୁ ଗୁଣବତ୍ତା ଅତି ଖରାପ ସ୍ତରରେ ରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଦିଲ୍ଲୀ ସମେତ ଉତ୍ତର ଭାରତରେ ରାତି ଓ ସକାଳେ ଘନ କୁହୁଡ଼ି ପଡ଼ିପାରେ ବୋଲି ସତର୍କ କରାଇ ଦେଇଛି ଭାରତୀୟ ପାଣିପାଗ ବିଭାଗ । ଦିଲ୍ଲୀ ସମେତ ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ପ୍ରବଳ ଶୀତ ଅନୁଭୂତ ହେଉଛି । ଦିଲ୍ଲୀରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ଏହା ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଏହାର ଇଞ୍ଜିନରେ ତେଲ ଚାପ ହ୍ରାସ ପାଇ ଶୂନ ହୋଇଯାଇଥିଲା। ବିପଦକୁ ଆଖିରେ ରଖି ପାଇଲଟ୍ ତୁରନ୍ତ ବିମାନଟିକୁ ଦିଲ୍ଲୀକୁ ଫେରାଇ ଆଣିବା ସହ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରାଇଛନ୍ତି । ଏହି ଇଓ ୮୮୭ ବୋଇଂ ବିମାନରେ ପ୍ରାୟ ୩୩୫ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ। ବିମାନଟି ସକାଳ ପ୍ରାୟ ୬ଟା ୩୦ ସମୟରେ ଉଡ଼ାଣ ଭରିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ଦକ୍ଷିଣ ପାଖ ଇଞ୍ଜିନରେ ତ୍ରୁଟି ଲକ୍ଷ୍ୟ କରିଥିଲେ। ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି , ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର୍ ଅନୁଯାୟୀ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନକୁ ତୁରନ୍ତ ଦିଲ୍ଲୀ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିମାନ ଚଳାଚଳ ମନ୍ତ୍ରଣାଳୟ ଘଟଣାର ତଦନ୍ତ ପାଇଁ ଡିଜିସିଏକୁ ନିର୍ଦ୍ଦେଶ ଦେଇଛି। ଯାତ୍ରୀମାନଙ୍କୁ ମୁମ୍ବାଇ ପଠାଇବା ପାଇଁ ଅନ୍ୟ ବିମାନର ବ୍ୟବସ୍ଥା କରାଯାଇଛି।

## ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ମାନୁନି ଇସ୍କନ

ପୁରୀ, ୨୨/୧୨ (ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ମାନୁନି ଇସ୍କନ । ବିଦେଶରେ କରୁଛି ଅଦିନିଆ ରଥଯାତ୍ରା । ପ୍ରବାସୀ ଭାରତୀୟମାନେ ଚାନ୍ଦା ଆଦାୟ କରି ଏଥିପାଇଁ ଇସ୍କନକୁ ପ୍ରୋତ୍ସାହିତ କରୁଛନ୍ତି। ଇସ୍କନର ମନମାନିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗତପତି ମହାରାଜା। ସେପଟେ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ପୁଣି ଥରେ କ୍ଷୋଭ ପ୍ରକାଶ କରିବା ସହ ସମାଲୋଚନା କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ ।

# ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦ୍‌ଘାଟିତ



ବାରିପଦା ,୨୨/୧୨ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୦ ନଂ ୱାର୍ଡ ସ୍ଥିତ ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶତବାର୍ଷିକୀ ଉତ୍ସବ ଉଦଘାଟିତ ହୋଇଯାଇଛି ଓ ଆୟୋଜନ କମିଟିର ଅଧ୍ୟକ୍ଷ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଐତିହ୍ୟ ସମ୍ପନ୍ନ ବ୍ରହ୍ମମନ୍ଦିରର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ରକ୍ଷଣାବେକ୍ଷଣ ଉପରେ ଆଲୋକପାତ କରିବା ସହ ବାରିପଦା ମୁନିସିପାଲିଟିର ସୌଜନ୍ୟରେ ଏହି ପରିସର ରେ ଆଧୁନିକୀକରଣ ପାଇଁ କାର୍ଯ୍ୟ କ୍ରମର ମଧ ଶୁଭ ଉଦ୍ ଘାଟନ କରିଥିଲେ ଓ ବିଶିଷ୍ଟ ଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଓ ସମ୍ମାନିତ ଅତିଥି ଭାବେ ,ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ ଓ ସମସ୍ତ କାଉନସିଲର ଯୋଗଦେଇ ଶତାୟୁ ମନ୍ଦିରର ରକ୍ଷଣାବେକ୍ଷଣ କରିଆସିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସ୍ମୃତିଚାରଣ କରି ଥିଲେ। କବି ଅମିତାଭ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ ବାନାର୍ଜୀ କାର୍ଯ୍ୟକ୍ରମର ସଯୋଜନା କରିଥିଲ। ଏହି ଅବସରରେ ଶତବାର୍ଷିକୀ ସ୍ମରଣିକାର ଉନ୍ମୋଚନ କରାଯିବା ସହ ବାଲେଶ୍ୱର ବ୍ରହ୍ମସମାଜର ବର୍ଷୀୟାନ ଆଚାର୍ଯ୍ୟ ଇ. ଅମରେନ୍ଦ୍ର କର, ହାଇଦ୍ରାବାଦର ଡେକାନ ବ୍ରହ୍ମସମାଜ, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ରାଜଜେମା ମୃଣାଳିକା ଭଞ୍ଜଦେଓ ଓ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସୋଭେନିୟର କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ସମ୍ପାଦକ ଡଃ ମୋହିତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତଥା ଇ ମାନସ ଷଡ଼ଙ୍ଗୀ, ଆଶିଷ ବସା, ମୋନିଲା ପାଲଙ୍କ ସହଯୋଗରେ ସୋଭେନିୟରଟି ଉନ୍ମୋଚିତ ହୋଇଥିଲା ଓ ଇନ୍ଦ୍ରାଣୀ ଚାଟାର୍ଜୀ ବେଦ ଜ୍ଞାନ କରିଥିବା ବେଳେ ଏମ କେ ସି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଓ କମିଟିର ଉପ ସଭାପତି ପୁର୍ଣ୍ଣେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅପରାହ୍ନରେ ହାତୀ ବଞ୍ଚାଅ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା, ଡଃ ଦେବବ୍ରତ ସ୍ୱାଇଁଙ୍କ ସଭାପତିତ୍ୱରେ କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଡଃ ପ୍ରକାଶ ଗୋଗଲିନି, ଉପ ନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡ଼, ଜିଲ୍ଲା ପରିବେଶ ସୋସାଇଟିର ଉପ ସଭାପତି ଡଃ ବିଜୟ କୁମାର ଅଗ୍ରୱାଲ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ 'ଶିମିଳିପାଳ ଓ ପରିବେଶର ସଂରକ୍ଷଣ' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ତିମିର ଘୋଷ, ମୌସୁମୀ ବାନାର୍ଜୀ, ତନୟା ବାନାର୍ଜୀ, ସୁବିନୟ ବାନାର୍ଜୀ, ସ୍ନେହା ବାନାର୍ଜୀ ଓ ସୁଦୀପ୍ତା ରକ୍ଷିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସେବା କାଗଜ କଳ ପୁନଃ କାର୍ଯ୍ୟକ୍ଷମ ନହେଲେ ଜାନୁୟାରୀ ମାସରେ ଜୟପୁରରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର,୨୨/୧୨ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଅବସରପ୍ରାପ୍ତ ଶ୍ରମିକ ଶ୍ରୀ ପ୍ରହ୍ଲାଦ ମଲ୍ଲିକ ଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାରଖାନା ର ଏକ ୟୁନିଅନର ସଭାପତି ତଥା ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆବାହକ ଶ୍ରୀ ପ୍ରମୋଦ କୁମାର ମହାନ୍ତି ବୈଠକ କୁ ସମ୍ବୋଧିତ କରି କହିଥିଲେ ଯେ କାରଖାନା ୨୦୨୪ ମସିହା ମେ' ୩୦ ତାରିଖରୁ ଆଉ ଏକ କମ୍ପାନୀ କୁ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଂଟ ଅନୁସାରେ ବିକ୍ରି ହୋଇଛି ଏବଂ ତାକୁ ଅନୁମୋଦନ କରି ରାଜ୍ୟ ସରକାର ନୂତନ କମ୍ପାନୀ କୁ ଏନ୍ ଓ ସି ଦେଇଛନ୍ତି କ୍ଷ ତାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ କମ୍ପାନୀ କୁ ବିକ୍ରି ହୋଇଛି କିଏ ମାଲିକ କିଛି ଜଣା ପଡୁ ନାହିଁ । ଆଜିକୁ ଅଠର ମାସ ହେଲା କାରଖାନା ବନ୍ଦ। ଶ୍ରମିକ ମାନଙ୍କୁ ଦରମା ନାହିଁ। ଅବସରପ୍ରାପ୍ତ ଓ ମୃତ ଶ୍ରମିକ ମାନଙ୍କ ସମସ୍ୟା ଅକଥନୀୟ , ପ୍ରାୟ ପଚାଶ ଜଣ ଶ୍ରମିକ ମୃତ୍ୟୁ ବରଣ କଲେଣି ଏବଂ ଅନେକ ବର୍ତ୍ତମାନ ସୁଦ୍ଧା ଶଯ୍ୟାଶାୟୀ। କିନ୍ତୁ କାରଖାନା କାଗଜ ପତ୍ର ରେ ଚାଲିଛି , ପ୍ରତିଦିନ ଠିକ୍ ସମୟରେ ସାଇରନ୍ ବାଜୁଛି। ଚୋରୀ ବଢ଼ିବାରେ ଲାଗିଛି। ଏସବୁ ମଧ୍ୟରେ କିନ୍ତୁ କମ୍ପାନୀ ନାଁ ଲେ ଅଫ୍, ଲକ୍ ଆଉଟ୍ କିଛି ଆଇନ୍ ଗତ ପଦକ୍ଷେପ ନେଉଛି ନାଁ ଶ୍ରମିକ ମାନଙ୍କୁ ଦରମା ଦେଉଛି । ରାଜ୍ୟ ସରକାର କେବଳ ରିପୋର୍ଟ ନେଇ ବିଧାନସଭାରେ ଯଦି ପ୍ରଶ୍ନ ହୁଏ ଉତ୍ତର ରଖନ୍ତି। ଜୟପୁର ର ଏକ ମାତ୍ର ବୃହତ ଶିଳ୍ପ ଏବଂ ଅଂଚଳର ଅର୍ଥନୈତିକ ଜୀବନ ରେଖା । କେବଳ ଶ୍ରମିକ ନୁହଁନ୍ତି କାଠ ଯୋଗାଣକାରୀ ସଂସ୍ଥା,ଚାଷୀ,ଗାଡ଼ି ମାଲିକ , ବିଭିନ୍ନ ଆନୁସଙ୍ଗିକ କାମରେ ଥିବା ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ଚାଲୁ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଥର କୋରାପୁଟ ଜିଲ୍ଲା କୁ ଏବଂ ବିଶେଷକରି ଜୟପୁର କାଗଜ କଳ ପାଖକୁ ଆସି ଘୋଷଣା କରିଥିଲେ ମଧ କିଛି ହୋଇ ନାହିଁ। ଏହି ଅବସ୍ଥା ଦୂର କରିବା ସହ କାରଖାନା କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ଅବସରପ୍ରାପ୍ତ ଶ୍ରମିକ ମାନେ ମତ ଦେଇଛନ୍ତି ଯେ ଜାନୁୟାରୀ ମାସରେ ପୁନର୍ବାର ବୈଠକ କରି ଜୟପୁର ସହରରେ ଆନ୍ଦୋଳନ ଆରମ୍ଭ କରିବା ପାଇଁ ହେବ । ସବୁ ସଂଘ ସଂଗଠନ ମାନଙ୍କ ସହଯୋଗ ଲୋଡି ବୈଠକ ଆହୁତ ହେବ । ପ୍ରକାଶଯୋଗ୍ୟ ଯେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପକ୍ଷରୁ ୨୦୨୪ ଜୁଲାଇ ଏକ ତାରିଖରୁ ପ୍ରତିଦିନ କାରଖାନା ସମ୍ମୁଖରେ ଏକ ଘଂଟା ଧାରଣା କାର୍ଯ୍ୟକ୍ରମ ଜାରି ରହିଛି। ଆଜି ର ବୈଠକ ରେ ସର୍ବଶ୍ରୀ ବସନ୍ତ ବେହେରା, ଭାସ୍କର ମିଶ୍ର, ନରସିଂହ ମହାପାତ୍ର,ସରୋଜ ପଣ୍ଡା, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ସତସଙ୍ଗ ବିହାରରେ ଓଲଟିଲା ମାଛ ବୋଝେଇ ଟାଟା ଏସି

ଭୁବନେଶ୍ୱର,୨୨/୧୨ (ନି.ପ୍ର): ଆଜି ଭୋର ସମୟରେ ସତସଙ୍ଗ ବିହାର ଜାତୀୟ ରାଜପଥ ୧୬ ଉପରେ ଟାଟା ଏସି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଟାଟା ଏସିଟି ମାଛ ନେଇ ୪ନମ୍ବର ଯାଉଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ୧୦କୁଇଂଟାଲରୁ ଅଧିକ ମାଛ ନେଇ ଯାଉଥିଲା ଟାଟା ଏସି । ଦୁର୍ଘଟଣା ପରେ ମାଛ ଗୁଡିକ ରାସ୍ତାରେ ପଡି ରହିଥିଲା । ଏହାପରେ ଲୋକେ ଏହି ମାଛକୁ ବୋହି ନେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

# ଅସମ୍ପୂର୍ଣ୍ଣ ମାଟିଆ ପଲା ସେତୁ ସାଜିଛି ଘତକ



ଖଇରା,୨୧/୧୨(ନିପ୍ର) - ଖଇରା ବ୍ଲକ ପଳସା ପଂଚାୟତ ନଛିପୁର ଛେନା ଖାଇ ନଦୀ ଉପରେ ଥିବା ଅସମ୍ପୂର୍ଣ୍ଣ ମାଟିଆ ପଲା ସେତୁ ଅଂଚଳ ବାସୀ ଙ୍କ ପାଇଁ ସାଜିଛି ଘତକ । ଗାଁ ମଧ୍ୟ ଦେଇ ଯାଇଥିବା ଛେନା ଖାଇ ନଦୀ ଟି ମହାବାତ୍ୟା ଠାରୁ ଗାଁ ପାଇଁ ବିପଦ ସାଜିଥିଲା ନଦୀ ଯୋଗୁଁ ପାତ୍ର ସାହି ଓ ବେହେରା ସାହି ମଧ୍ୟରେ ଯୋଗା ଯୋଗ ବିଛିନ୍ନ ହୋଇପଡିଥିଲା । ଅଂଚଳ ବାସୀ ତଥା ପୂର୍ବତନ ସମିତି ସଭ୍ୟ ପ୍ରଭାସ ଚନ୍ଦ୍ର ବରିକଙ୍କ ସହଯୋଗରେ ପୂର୍ବତ ବିଧାୟକ ସ୍ୱଗତ ପର୍ଶୁରାମ ପାଣିଗ୍ରାହୀ ଏବଂ ତାଙ୍କ ପୁତ୍ର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ୧୩ଲକ୍ଷଟଙ୍କା ଅନୁମୋଦନରେ ସେତୁଟି ହୋଇଥିଲା । ସେତୁ ନିର୍ମାଣ ହୋଇଥିଲେ ମଧ୍ୟ ସେତୁକୁ ୨ପାଖ ସଂଯୋଗ କରୁଥିବା ରାସ୍ତା ହୋଇ ପାରି ନଥିଲା । ଯାହାଫଳରେ କି ବର୍ଷାଦିନ ସହିତ ଅନ୍ୟାନ୍ୟ ସମୟରେ ପୋଲ ଉପରେ ଗମନା ଗମନ କରିବା ଅସମ୍ଭବ ହୋଇପଡିଥିଲା । ତଥାପି ଲୋକ ମାନେ ଜୀବନ କୁ ବାଜି ଲଗାଇ ଏହି ପୋଲ ଉପରେ ଯାତାୟତ କରିଥାନ୍ତି । ଏହି ୨ ସାହିର ୩୦୦ ରୁ ଅଧିକ ଲୋକ ଏହି ପୋଲ ଉପରେ ନିର୍ଭର ଶୀଳ ଅଟନ୍ତି । ଅଙ୍ଗନବାଡି ,ସ୍କୁଲ, କଲେଜ, ମେଡିକାଲ, ଚାଷ ଜମିକୁ ଗମନା ଗମନ କରିଥାନ୍ତି । ବେଳେ ବେଳେ ପୋଲ କୁ ସଂଯୋଗ କରୁଥବା ରାସ୍ତା ନଥିବାରୁ ଖାଲରେ ଗୋରୁ ଗାଇ ଲୋକ ମାନେ ପଡିଯାଇ ଆହତ ହୋଇଥାନ୍ତି । ପ୍ରାୟ ୧୦ ଫୁଟ ଗଭୀରରେ ଗୋଟେ ଷଣ୍ଢ ପଡିଯାଇଥିଲା । ଅଂଚଳ ବାସୀ ଉଦ୍ୟମକରି ମଧ୍ୟ ଉଦ୍ଧାର କରି ପାରି ନଥିଲେ । ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ଉଦ୍ଧାର କରିଥିଲେ । ବାରମ୍ବାର ପ୍ରଶାସନକୁ ଗୁହାରୀ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରୁ ନାହିଁ । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ୧୧ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇଥିବା ପୋଲ କୁ ସମ୍ପୂର୍ଣ୍ଣ କରାଯିବା ପାଇଁ ଅଂଚଳ ବାସୀ ଦାବି କରିଛନ୍ତି ।

# କେନ୍ଦୁଝର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀଗଣେଶ ଶିକ୍ଷା କେନ୍ଦ୍ରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ

କେନ୍ଦୁଝର,୨୨/୧୨ (ନି.ପ୍ର): କେନ୍ଦୁଝର ଗଡ଼ ପୁରୁଣା ସହରର ହୁଡ଼କୋରେ ଥିବା ଶ୍ରୀଗଣେଶ ଶିକ୍ଷା କେନ୍ଦ୍ର ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସାଧାରଣ ବୈଠକ ରେ କମିଟିର ସଭାପତି ସୁରେଶ ପଟ୍ଟନାୟକ ସଭାପତିତ୍ୟ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁଶ୍ରୀ ନନ୍ଦିନୀ ମହାନ୍ତି ବୈଠକ ଟିକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ବୀରେନ୍ଦ୍ର କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ପତି, କୋଷାଧକ୍ଷ ଶ୍ରୀ ସୁଧୀର କୁମାର ସାହୁ, ଅଭିଭାବକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ସୁଶୀଲ କୁମାର ମାଲାକାର, ଉପଦେଷ୍ଟା ମଣ୍ଡଳୀ ର ପ୍ରତିନିଧି ଶ୍ରୀ ସୁଚିତ୍ରା ମହାରଣା, କମିଟିର ସଦସ୍ୟ ଶ୍ରୀ ରବୀନ୍ଦ୍ର ରଣସିଂ, ଶ୍ରୀଯୁକ୍ତ ସନ୍ତୋଷ କୁମାର ପତି, ଆଚାର୍ଯ୍ୟା ମନୋରମା ପତି, ବୁଦ୍ଧିଜୀବୀ ସତ୍ୟଜିତ ମିଶ୍ର ତଥା ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ/ ଶିକ୍ଷୟତ୍ରୀ ଏବଂ ସଦସ୍ୟ ମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ମୁଖ୍ୟତଃ ଉକ୍ତ ବୈଠକରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଉଚ୍ଚମାନର ଶିକ୍ଷାଦାନ ପଦ୍ଧତି ଅଭିଭାବକ ସମ୍ମିଳନୀ ଶିକ୍ଷାଉପଦେଷ୍ଟା ଶିକ୍ଷାଅନୁଶୀଳନ ଉଚ୍ଚକୋଟିର ପ୍ଲେସ୍କୁଲକୁ ବିଦ୍ୟାଳୟରେ ସାମିଲ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ ଆଲୋଚନାମାନ ହୋଇଥିଲା। ପ୍ରତ୍ୟେକ ସଦସ୍ୟ ଏହି ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ରଖିଥିଲେ। ପରିଶେଷରେ କମିଟିର ଉପସଭାପତି ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୮ମ ବାର୍ଷିକ ଉତ୍ସବ

ଖଇରା,୨୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେ ମା ସମ୍ମିଳନୀ ତଥା ୮ମ ବାର୍ଷିକ ଉତ୍ସବ ସଭା ସମ୍ବର୍ଦ୍ଧନା ସାଙ୍ଗକୁ ଭରପୁର ନୃତ୍ୟଗୀତର ଝଙ୍କାର ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଜେଜେ ବାପା ଓ ଜେଜେ ମା ସମ୍ମିଳନୀରେ ବିଡିଓ ନାରାୟଣ ସାହୁ ମୁଖ୍ୟ ଅତିଥି ,ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟବକ୍ତା,ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ଖିଲାର ,ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଅକ୍ଷିତ କୁମାର ଜେନା, ଖଇରା ହାଇସ୍କୁଲ ହିନ୍ଦୀ ଶିକ୍ଷକ ନରୋତ୍ତମ ପୁଟ୍ଟୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟରେ ବୟସ୍କ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ନଛାଡି ଦେବତା ରୂପେ ଘରେ ରଖି ପୂଜା କରିବାକୁ ପରାମର୍ଶ ଦେଇଥିଲେ । ଦିଲ୍ଲିପ ଲେଙ୍କା ସଭା ପରିଚାଳନା, ଉଲ୍ଲାସିନୀ ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ଓ ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଦାସ,ଉପଦେଷ୍ଟା କମିଟି ସଭ୍ୟ ସୁଦର୍ଶନ ସେଠୀ,ସରପଞ୍ଚ ଦୟାନିଧି ନାୟକ କୁନି ପିଲାମାନଙ୍କୁ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦସାନ କରିଥିଲେ । କ୍ରୀଡା ଚାମ୍ପିୟନ ଆୟୁଷ୍ମାନ ମହାପାତ୍ର,ଆଦର୍ଶ ଛାତ୍ରୀ ଭାଗ୍ୟଶ୍ରୀ ଜେନା ଙ୍କୁ ପୁରସ୍କୃତ କରାଯାଇଥିଲା । ଗୁରୁମା ବନ୍ଦନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ସାବିତ୍ରୀ ପଣ୍ଡା, ଦିପାଞ୍ଜଳୀ ବେହେରା, ପୁଷ୍ପାଞ୍ଜଳୀ ରାଉତ,କାଜଲ ମାଝୀ, କ୍ରୀଷ୍ଟାରାଣୀ ହାତୀ, ମାଧୁରୀ ସାହୁ, କଳ୍ପନା ଲେଙ୍କା, ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ତ୍ତୀକ ମୁଦୁଲୀ, ଗୟାଧର ବିନ୍ଧାଣୀ, ପିୟୁସ ପ୍ରତୀମ ରାଉତ, ଭରତ ଭୂଷଣ ଲେଙ୍କା,ପଙ୍କଜେଶ ଜେନାଙ୍କ ସମେତ କମିଟିର ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ ।

# ନୃତ୍ୟ ସଂଗୀତ କଳା ମନ୍ଦିରର ୬୯ ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସମାରୋହ




ବାଲେଶ୍ୱର,୨୨/୧୨ (ନି.ପ୍ର): ୧୯୫୬ ମସିହାରେ ପ୍ରତିଷ୍ଠିତ ସର୍ବ ପୁରାତନ କଳା ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ସଂଗୀତ କଳା ମନ୍ଦିର ର ୬୯ ତମ ବାର୍ଷିକ ଉତ୍ସବର ଉଦଯାପନୀ ସମାରୋହ ୨୧.୧୨.୨୫ ରିଖ ସନ୍ଧ୍ୟା ୬.୩୦ ମିନିଟ ସମୟ ରେ ସ୍ଥାନୀୟ ଟାଉନ ହଲ ପରିସରରେ ପାଳିତ ହୋଇ ଯାଇଛି। ଏତଦ ଉପଲକ୍ଷେ ଅନୁଷ୍ଠାନ ର ସଭାପତି ଡ଼. ସୁବାସ ଚନ୍ଦ୍ର ପାତ୍ର ଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ହୋଇଥିଲା। ଉଦଯାପନୀ ଉତ୍ସବ ର ମୁଖ୍ୟ ଅତିଥି ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟ କ୍ରମ ର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ଘୋଷ ଅନୁଷ୍ଠାନ ସମ୍ପର୍କ ରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ବିଗତ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସରକାର ଙ୍କ ନିକଟରୁ କୌଣସି ଆର୍ଥିକ ସହାୟତା ଅନୁଷ୍ଠାନ କୁ ମିଳିନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଯେଉଁ କେତୋଟି ପୁରୁଣା ଅନୁଷ୍ଠାନ ଓଡ଼ିଆ ଅସ୍ମିତା କୁ ବଜାୟ ରଖିବା ପାଇଁ ବର୍ଷ ବର୍ଷ ଧରି ପ୍ରଚେଷ୍ଟା ଜାରି ରଖିଛନ୍ତି ସେହି ସବୁ ଅନୁଷ୍ଠାନ ମାନଙ୍କୁ ସ୍ୱତନ୍ତ୍ର ଅନୁଦାନ ରାଶି ପ୍ରଦାନ କରିବାକୁ ବିଧାୟକ ଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଶ୍ରୀଯୁକ୍ତ ଦତ୍ତ ଏହାକୁ ନିଶ୍ଚିତ ଭାବେ ସରକାର ଙ୍କ ନିକଟରେ ଉପସ୍ଥାପିତ କରିବେ ବୋଲି ପ୍ରତିଶୃତି ଦେବା ସହ ଚଳିତ ଆର୍ଥିକ ବର୍ଷ ରେ ନୃତ୍ୟ ସଂଗୀତ କଳା ମନ୍ଦିର ର ପ୍ରଥମ ମହଲା ରେ ଥିବା ସଭାକକ୍ଷ୍ୟକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ବିଧାୟକ ପାଣ୍ଠି ରୁ ପାଞ୍ଚ ଲକ୍ଷ୍ୟ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବା ବିଷୟରେ ସମସ୍ତ ଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଇମାମି ପେପର ମିଲ ର ଏ ଜି ଏମ ଶ୍ରୀଯୁକ୍ତ ମନୋଜ କୁମାର ପାଢ଼ୀ ଅନୁଷ୍ଠାନ ର ଉନ୍ନତି କଳ୍ପେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ ।ଅନୁଷ୍ଠାନ ର ଉପ ସଭାପତି ଶ୍ରୀଯୁକ୍ତ ସୁଜିତ କୁମାର ଦେବ ତାଙ୍କ ବକ୍ତ୍ୟବ୍ୟ ରଖିବା ସହ ଅନୁଷ୍ଠାନ ର ସହ ସଭାପତି ଉତ୍ପଳ ମହାନ୍ତି ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଶା ର ବିଶିଷ୍ଟ ବେହେଲା ବାଦକ ଗୁରୁ ପ୍ରଫୁଲ୍ଲ ରୟଙ୍କୁ ରଞ୍ଜନା ଦାସ ସଂଗୀତ ଶିରୋମଣି ସମ୍ମାନ, ବିଶିଷ୍ଟ ଓଡିଶୀ କଣ୍ଠ ଶିଳ୍ପୀ ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ର ଙ୍କୁ ନିର୍ମଳା ପ୍ରହଲ୍ଲାଦ ମହାନ୍ତି ସ୍ମୃତି ସମ୍ମାନ, ବିଶିଷ୍ଟ ଚିତ୍ର ଶିଳ୍ପୀ କରୁଣା ପ୍ରିୟା ପୁଇଁ ଙ୍କୁ ବିଷ୍ଣୁ ପ୍ରିୟା ଦେବୀ ସମ୍ମାନ, ଏବଂ ବିଶିଷ୍ଟ ତବଲା ଓ ମର୍ଦଳ ବାଦକ ଗୁରୁ ସୁଶାନ୍ତ ଦାସଙ୍କୁ ମନୋଜ ପଟ୍ଟନାୟକ ଶିକ୍ଷକ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଏତଦ ବ୍ୟତୀତ ଅନୁଷ୍ଠାନ ର ବିଭିନ୍ନ ବିଭାଗରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସ୍ମୃତି ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଥମେ ସୁଶ୍ରୀ ସୁମନ ଦାସ ସମସ୍ତ ଙ୍କୁ ମଞ୍ଚ ଅହ୍ୱାନ କରିଥିବା ବେଳେ କୋଷାଦକ୍ଷ ହରେନ ଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ସଂଗୀତ, ନୃତ୍ୟ, ହିନ୍ଦୁସ୍ତାନୀ ସଂଗୀତ, ତବଲା ବୃନ୍ଦ ବାଦନ ଇତ୍ୟାଦି ପରିବେଶିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ କୁ ଦର୍ଶକ ମାନେ ମନୋଭରୀ ଉପଭୋଗ କରିଥିଲେ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଦ୍ୱାରା ଶୀତବସ୍ତ୍ର ବଣ୍ଟନ



ବାଲେଶ୍ୱର,୨୨/୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଦ୍ୱାରା ଆଜି ପୂର୍ବାହ୍ନରେ ସୁନ୍ଦରୀସ୍ଥିତ ମଡର୍ଣ୍ଣ ଆଇ.ଟି.ସି. ପରିସରସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ତାଜିଆବାଦ ଗ୍ରାମର ଜନଜାତି ସମୁଦାୟର ୪୦ ଜଣ ଅଧିବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଂଘ ସଭାପତି ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିବାବେଳେ ଉପସଭାପତି ବାସନ୍ତୀ ପାଣି, ସୁଦର୍ଶନ ଦାସ ଓ ଦେବେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ବରିଷ୍ଠ ଉପଦେଷ୍ଟା ବସନ୍ତ ନାୟକ ଓ ବୀରେନ୍ଦ୍ର ମହନ୍ତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ମହାନ୍ତି, ମଡର୍ଣ୍ଣ ଆଇ.ଟି.ସି.ର ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ପବ୍ଲିକ୍ ବିଦ୍ୟାଳୟର ଅଧକ୍ଷା ସରୋଜିନୀ ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ମଞ୍ଚାସୀନ ଥାଇ ବକ୍ତବ୍ୟ ରଖିଥିଲେ। ସଂଘଦ୍ୱାରା କରାଯାଉଥିବା ବିଭିନ୍ନ ଜନହିତକର କାର୍ଯ୍ୟର ଅଂଶଭାବେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ପ୍ରତିବର୍ଷ ଶୀତବସ୍ତ୍ର ବଣ୍ଟନ କରାଯାଇଥାଏ। ସରକାରୀ ଭାବେ ବିଭିନ୍ନ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଥିଲେ ମଧ ସାମାଜିକ ସଂଗଠନମାନଙ୍କର ମଧ ଗୁରୁ ଦାୟିତ୍ୱ ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସଂଘ ତରଫରୁ ଜ୍ୟୋସ୍ନା ରାୟ, ରୀତା ରାୟ, ଭବେଶ ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ଚକ୍ରବର୍ତ୍ତୀ, କେଶବ ଚନ୍ଦ୍ର ମହାନ୍ତି, ଗୌରପ୍ରିୟ ମିଶ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂଘର ଜନହିତକର କାର୍ଯ୍ୟର ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବେତନଟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକୋତ୍ସବ ଆୟୋଜିତ




ବେତନଟୀ, ୨୨/୧୨(ନି.ପ୍ର) : ବେତନଟୀ ଦେବବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୨୪ତମ ବାର୍ଷିକଉତ୍ସବ ସୋମବାର ଅପରାହ୍ନରେ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ପ୍ରକାଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସିନ ମୁଖ୍ୟଅତିଥି ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ବିଶେଷ ଅତିଥି ମୟୁରଭଞ୍ଜ ଜିଲ୍ଲା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ମୁଖ୍ୟବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସମିତିର ପୂର୍ବୋତ୍ତର ସମ୍ଭାଗର ବାଲେଶ୍ୱର ଜିଲ୍ଲାପ୍ରମୁଖ କିରଣ କୁମାର ମହାରଣାଙ୍କ ସମେତ ସମ୍ମାନିତଅତିଥି ଭାବେ ଓଡିଶା ଶିକ୍ଷାବିକାଶ ସମିତିର ବେତନଟୀ ଶଙ୍କୁଳ ପ୍ରମୁଖ ଶିକ୍ଷାବିତ ଶଶଧର ପଣ୍ଡା, ସ୍କୁଲ ପରିଚାଳନା କମିଟି ସମ୍ପାଦକ ଶାନ୍ତନୁ ପଣ୍ଡା ଏବଂ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକ ପ୍ରମୁଖ ମଞ୍ଚାସିନ ଥିଲେ । ସର୍ବପ୍ରଥମେ ଅତିଥି ଅଧିକାରୀଗଣ ମା'ଭାରତୀ, ମା'ବାଗଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ପାଦକ ଶାନ୍ତନୁ ପଣ୍ଡା ସ୍ୱାଗତ ଭାଷଣ ଏବଂ ଅତିଥିପରିଚୟ ପ୍ରଦାନ କରିବା ପରେ ସମ୍ବର୍ଦ୍ଧନା ପର୍ବ ସମ୍ପାଦନ କରାଯାଇଥିଲା । ସଂସ୍କାର ବିନା ଶିକ୍ଷା ନିରାଧାର ହୋଇଥିବା ବେଳେ ସଂସ୍କାରଯୁକ୍ତ ଶିକ୍ଷା ପ୍ରଦାନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୁଳନା ନାହିଁ ବୋଲି ମଞ୍ଚାସିନ ଅତିଥି ଅଧିକାରୀଗଣ ମତବ୍ୟକ୍ତ କରିଥିଲେ । ଜୀବନରେ ବଡ଼ ମଣିଷ ହେବାଠାରୁ ଭଲ ମଣିଷ ହେବା ଶ୍ରେୟସ୍କର ବୋଲି କହିବା ସହିତ ଏଦିଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଣିଷ ତିଆରି କାରଖାନା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ନେଇ ମତପ୍ରକାଶ ପାଇଥିଲା । ଘରେ ପିତାମାତା ଏବଂ ସ୍କୁଲରେ ଗୁରୁଜୀ/ଗୁରୁମାଙ୍କୁ ସଦାସର୍ବଦା ଭକ୍ତି କରୁଥିବା ଏବଂ ପୁସ୍ତକକୁ ସାଥୀ କରୁଥିବା ଛାତ୍ରଛାତ୍ରୀ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚି ପାରନ୍ତି ବୋଲି ଅତିଥି ଅଧିକାରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସର୍ବୋପରି ସ୍କୁଲର ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ଦାୟୀତ୍ୱବାନ, ଚରିତ୍ରବାନ, ଶୃଙ୍ଖଳିତ ମଣିଷ ଭାବେ ଗଢ଼ିତୋଳିବା ସହିତ ସେମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତି ରାଷ୍ଟ୍ରସେବା ଭାବ ଉଦ୍ରେକ କରାଇବାରେ ଅଭିଭାବକ, ଗୁରୁଜୀ /ଗୁରୁମା ଏବଂ ବିଦ୍ୟାଳୟର ଭୂମିକା ଉପରେ ସମ୍ୟକ ଆଲୋଚନା ମଧ କରାଯାଇଥିଲା । ସଭାକାର୍ଯ୍ୟ ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ଅଧିକାରୀଗଣ ପୁରସ୍କୃତ ପୂର୍ବକ ଉତ୍ସାହିତ କରିଥିଲେ । ପରିଚାଳନାରେ ସମସ୍ତ ଗୁରୁଜୀ / ଗୁରୁମା ଏବଂ ବିଦ୍ୟାମନ୍ଦିରର ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଶୃଙ୍ଖଳାର ସହିତ ଦାୟୀତ୍ୱ ସମ୍ପାଦନ କରୁଥିବା ବେଳେ ସଭାକାର୍ଯ୍ୟ ପରେ ପ୍ରଧାନଗୁରୁଜୀ ଲକ୍ଷ୍ମୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟର ସମାପନ ପରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଷ୍ଟ୍ରଭକ୍ତି, ସଂସ୍କୃତି, ପରମ୍ପରା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଶତାଧିକ ଅଭିଭାବକ ଓ ଅଞ୍ଚଳବାସୀ ଏହାକୁ ଉପଭୋଗ କରିଥିଲେ ।

# ସମସ୍ୟା ଅଛି ତ ସମାଧାନ ଅଛି



ସବୁ ସମସ୍ୟାର ସମାଧାନ ଅଛି: ସାଧାରଣତଃ ଆମ ମନରେ ଧାରଣା ଥାଏ ଯେ ସବୁ ସମସ୍ୟାର ସମାଧାନ ମିଳିବା କଷ୍ଟ, ଯାହା ଆମେ କରିପାରିବା ନାହିଁ। କିନ୍ତୁ ସବୁ ସମସ୍ୟାର ସମାଧାନ ରହିଛି। ଧୈର୍ଯ୍ୟର ସହିତ ସୃଜନାତ୍ମକ ଭାବନାକୁ ପାଥେୟ କରି ଆଗେଇ ଚାଲିଲେ ଏସବୁ ସମ୍ଭବ। ସମସ୍ୟାଟି ଆସିଲେ ଭାଙ୍ଗି ପଡ଼ିବା ପରିବର୍ତ୍ତେ ଧୈର୍ଯ୍ୟର ସହିତ ସୃଜନଶୀଳ ଭାବେ ଚିନ୍ତା କରିବା ଆବଶ୍ୟକ।

ଅନ୍ଧାର ଭିତରେ ଆଲୁଅଟିଏ ସୃଷ୍ଟି କରିବା ସୃଜନାତ୍ମକ ଭାବନାର ପ୍ରତିଫଳନ। ନିଜ ଭିତରେ ଥିବା ସମସ୍ତ ପ୍ରକାରର ଦକ୍ଷତାର ସକାରାତ୍ମକ ବ୍ୟବହାର ଦ୍ୱାରା ଏହାର ବାଟ ମିଳିଥାଏ। ପ୍ରତ୍ୟେକ ଘଟଣାର ଦୁଇଟି ଦିଗ ଥାଏ, ଯଥା- ସକାରାତ୍ମକ ଓ ନକାରାତ୍ମକ। ଯଦି ଉଭୟ ଦିଗରୁ ବିଚାର କରି ତଥ୍ୟ ସଂଗ୍ରହ କରିବା ତେବେ ସମାଧାନର ପହଞ୍ଚିପାରିବା। ଅନେକ ସମୟରେ ଅତି ଶୀଘ୍ର ସମାଧାନ କରିବାକୁ ଚାହିଁ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସବୁ ଘଟଣା ଘଟିବାର ଏକ ନିର୍ଦ୍ଦିଷ୍ଟ ସମୟଥାଏ। ତେଣୁ ନିଜ ଉପରେ ବିଶ୍ୱାସ ରଖି ଚେଷ୍ଟା ଜାରି ରଖିବାକୁ ହେବେ।

ଗଠନମୂଳକ ଅସନ୍ତୋଷ: ଅଧିକାଂଶ ଲୋକ ଅଳ୍ପକେ ସନ୍ତୁଷ୍ଟ ହୋଇଯାନ୍ତି। କାମଟି ହୋଇଗଲେ ଆତ୍ମସନ୍ତୋଷ ସହ ମାନସିକ ସ୍ତରରେ ହାଲକା ହୋଇଯାନ୍ତି। ଏହି ମନୋଭାବ ଆମକୁ ସଫଳତାର ଶିଖରରେ ପହଂଚିବାକୁ ଦିଏନା। ସାଧାରଣତଃ କୌଣସି କାମରୁ ସଫଳତା ହାସଲକରି ଯଦି ପ୍ରଶଂସା ଏବଂ ପୁରସ୍କାର ମିଳିଯାଏ, ସେତେବେଳେ ଆମେ ଭୁଲିଯାଉ କାମଟି ଆହୁରି ଉନ୍ନତି ଭାବରେ ହୋଇପାରିଥାନ୍ତା। ସଫଳତା ପରେ ମଧ୍ୟ ଆହୁରି ଉନ୍ନତି ପାଇଁ ଯଦି ନିଜ ଭିତରେ ଗଠନମୂଳକ ଅସନ୍ତୋଷ ସୃଷ୍ଟି କରିପାରିବା, ତେବେ ସୃଜନାତ୍ମକ ଭାବନାର ଆହୁରି ଅଧଧିକ ସଦ୍ ବ୍ୟବହାର ହୋଇପାରିବ।

ଆଦିମକାଳଲରୁ ମଣିଷ ଭିତରେ ଗଠନମୂଳକ ଅସନ୍ତୋଷଟି ରହିଆସିଛି। ସଫଳତା ପରେ ବି ଆତ୍ମସନ୍ତୋଷ ନହୋଇ ନୂଆ କରିବାର ଉତ୍କଣ୍ଠା ସୃଷ୍ଟି କରିପାରିଛି। ସେଥିପାଇଁ ତ ଆମ ଚାରିପଟେ ନୂଆ ସାମଗ୍ରୀ ଦେଖିବାକୁ ମିଳୁଛି, ଯାହା ସୃଜନାତ୍ମକ ଭାବନାର ଫଳାଫଳ। ଗଠନମୂଳକ ଅସନ୍ତୋଷ ଭାବ ମଣିଷକୁ ନୂଆ ସୃଷ୍ଟି କରିବା ପାଇଁ ପ୍ରେରଣା ଦେଇତାଏ। ଏହା ବୁଝିପାରିଲେ ହିଁ ସଫଳ ହେବା ସମ୍ଭବ।

ନୂତନତ୍ୱର ସ୍ୱପ୍ନ: ସମସ୍ତେ ସ୍ୱପ୍ନ ଦେଖନ୍ତି। ଆଉ ସ୍ୱପ୍ନ ଦେଖିବା ବି ଉଚିତ। କିନ୍ତୁ ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ଦକ୍ଷତା ଓ ଦୃଢ଼ ଇଚ୍ଛାଶକ୍ତି ଦରକାର ତାହାର ଅଭାବ ପ୍ରାୟ ଲୋକଙ୍କ ଠାରେ ଦେଖାଯାଏ। କାରଣ କଠିନ ପରିଶ୍ରମ, ନିଷ୍ଠାପର ମନୋଭାବ, ଧୈର୍ଯ୍ୟ, ବାଧାବିଘ୍ନକୁ ସମ୍ମୁଖୀନ ହେବାକୁ ଆମେ ପ୍ରସ୍ତୁତ ନଥାଉ। ତେଣୁ ଅନେକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଏ। ଯେତେ ଦକ୍ଷତା ଥାଉ, ଯଦି ମନରେ କିଛି ନୂଆ କରିବାର ସ୍ୱପ୍ନ ସୃଷ୍ଟି ନହେବ ତେବେ ଆମେ କେବେ ବି ଆଗେଇ ପାରିବାନି। ଜଣେ ନିଜେ ନ ଚାହିଁଲେ ଅନ୍ୟ କେହି ତା ମନରେ ନୂଆ କରିବାର ଭାବନାର ସୃଷ୍ଟି କରିପାରିବା ନାହିଁ। ପ୍ରତ୍ୟେକ ଦିନ ଆମପାଇଁ ନୂଆ। ଏହି ଭାବନା ରଖି ଆମେ ପ୍ରତ୍ୟେକ ଦିନ କିଛି ନା କିଛି ନୂଆ ଭାବିପାରିବା। ନୂଆ ଲକ୍ଷ୍ୟ, ଭାବନା, ଅନୁଭବ,ନୂଆ ପ୍ରକାରର ବାଧାବିଘ୍ନ, ଅନିଶ୍ଚିତତା, ଆହ୍ୱାନକୁ ସମ୍ମୁଖୀନ କରିବା ଅର୍ଥ କିଛି ନା କିଛି ଭୁଲ ହେବା ନିଶ୍ଚିତ। ମାତ୍ର ଏଥିରେଭାଙ୍ଗି ନପଡ଼ି ନୂଆ ସ୍ୱପ୍ନ ଦେଖିବାର ଅଭ୍ୟାସ କରିବାକୁ ହେବ। ତେବେ ନୂଆ ଭାବନା ଓ ଉପାୟ ଆପେ ଆସିଯିବ।

କର୍ମରେ ପ୍ରୟୋଗ: ସୃଜନାତ୍ମକ ଭାବନା ଦ୍ୱାରା ମନରେ ଯେଉଁସବୁ ଉପାୟ ବାହାରିବ, ସେଗୁଡ଼ିକୁ ତୁରନ୍ତ କର୍ମରେ ପ୍ରୟୋଗ କରିବାକୁ ହେବ। ଅଧିକାଂଶ ଲୋକ ସୃଜନଶୀଳ ଦକ୍ଷତାର ବ୍ୟବହାର କରି ଅନେକ କିଛି ନୂଆ ଭାବନା ସୃଷ୍ଟି କରିଥାନ୍ତି। କିନ୍ତୁ କର୍ମରେ ପରିଣତ କରନ୍ତି ନାହିଁ। ଫଳରେ ସଫଳତା ମିଳିବା ପରିବର୍ତ୍ତେ ହତାଶା ଭାବ ସୃଷ୍ଟି ହୋଇଥାଏ। ତେଣୁ ମନରେ କିଛି ସୃଜନଶୀଳ ଭାବନା ଆସିଲେ ତାହାକୁ କାମରେ ପ୍ରୟୋଗ କରିବା ଆବଶ୍ୟକ ଏବଂ ଫଳାଫଳକୁ ସମୀକ୍ଷା କରି ତାର ଗତିପଥ ପରିବର୍ତ୍ତନ କରିବା ଆବଶ୍ୟକ। ସୃଜନାତ୍ମକ ଭାବନାର ଠିକ ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ଉପାୟମାନ ଆମେ ଆଲୋଚନାକଲୁ। ଏଗୁଡ଼ିକୁ ଧ୍ୟାନରସ ହିତ ପଢ଼ି ନିଷ୍ଠାର ସହିତ କାମରେ ପ୍ରୟୋଗ କଲେ ନିଶ୍ଚିତ ଭାବରେ ସଫଳତା ପାଇବା ସହିତ ଆତ୍ମସନ୍ତୋଷ ପାଇପାରିବା।



# ଜମିକୁ ଉର୍ବର କରିବ ଜୈବିକ ଔଷଧ



ରାସାୟନିକ ଔଷଧ ପ୍ରୟୋଗରେ ଫସଲ ବିଷାକ୍ତ ହେବା ସହ ଜମିର ଉର୍ବରତା ହ୍ରାସ ହେଉଛି। ତେଣୁ ଫସଲରେ ଜୈବିକ ଔଷଧ ପ୍ରୟୋଗ କରି ରୋଗ ଓ ପୋକ ପ୍ରତିରୋଧ କରିବାକୁ ବୈଜ୍ଞାନିକ ମାନେ ଏବେ ଜୋର୍ ଦେଉଛନ୍ତି। କିପରି ଓ କି ଜୈବିକ ଔଷଧ ପ୍ରୟୋଗ କରିବେ।

ଲିମ୍ବ: ଲିମ୍ବ ଦ୍ୱାରା ବିଭିନ୍ନ ରୋଗ ପୋକ ଦୂରୀକରଣ କରାଯାଇ ପାରୁଛି। ଲିମ୍ବରୁ ପ୍ରସ୍ତୁତ ବିଭିନ୍ନ ଜୈବିକ ରୋଗ ପୋକ ନିରୋଧକ ଏବେ ବଜାରରେ ମିଳିଲାଣି।

୨୦ ଗ୍ରାମ ଚୋପାଛଡା ଲିମ୍ବ ମଞ୍ଜି ଗୁଣ୍ଡ କରି ଏହାକୁ ଏକ କନାରେ ବାନ୍ଧି ୬ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖନ୍ତୁ। ତାପରେ ଲିମ୍ବ ଗୁଣ୍ଡକୁ ଭଲଭାବରେ ଚିପୁଡି ରସ ବାହାର କରି ୧ ଲିଟର ପାଣି କରି ସିଞ୍ଚନ କରନ୍ତୁ। ୨୦ ମିଲି ଲିମ୍ବ ତେଲକୁ ସାମାନ୍ୟ ସର୍ଫ ସହ ମିଶାଇ ଫେଣ କରି ଉକ୍ତ ଫେଣକୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ମାଟିରୁ କୃମି ମାରିବା ପାଇଁ ଲିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ। କଦଳୀ ଗଛ ପାଇଁ ୫୦ ଗ୍ରାମ୍ ହଳଦୀ ଓ ଅଦା ପାଇଁ ୨୫ ଗ୍ରାମ୍, ଟମାଟୋ ପାଇଁ ୧୫ ଗ୍ରାମ୍ ହିସାବରେ ଲିମ୍ବ ପିଡ଼ିଆ ପ୍ରୟୋଗ କରି କୃମି ଓ ଜୀବାଣୁ ଜନୀତ ରୋଗ ଦାଉରୁ ଫସଲକୁ ରକ୍ଷା କରନ୍ତୁ। ୧ କିଗ୍ରା ଲିମ୍ବ ପିଡିଆକୁ ୫ ଲିଟର ପାଣିରେ ୧୨ ଘଣ୍ଟା ଭିଜାଇ ଛାଣି ଗଛରେ ସିଞ୍ଚନ କରନ୍ତୁ। ୨୦ ଗ୍ରାମ୍ ଲିମ୍ବ ପତ୍ରକୁ ୧ ଲିଟର ପାଣିରେ ସିଝାଇ ପାଣିକୁ ଥଣ୍ଡା କରି ପତ୍ରରେ ଓ ମୂଳରେ ସିଞ୍ଚନ କରି ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରନ୍ତୁ।

କରଞ୍ଜ: କରଞ୍ଜ ପିଡିଆ ସୂତ୍ରଜୀବ ଓ ଜୀବାଣୁ ନାଶକ ଅଟେ। ହେକ୍ଟର ପ୍ରତି ୨.୫ ଟନ୍ ହିସାବରେ ପ୍ରୟୋଗ କରାଯାଇ ଝାଉଳା ରୋଗ ଓ ଅନ୍ୟାନ୍ୟ ପୋକ ଦୂର କରାଯାଏ।

ଧୂଆଁ ପତ୍ର: ୪୦୦ ଗ୍ରାମ ଧୂଆଁପତ୍ରକୁ ୬ ଲିଟର ପାଣିରେ ଗୋଟିଏ ଦିନ ଭିଜାନ୍ତୁ। ସାମାନ୍ୟ ଗରମ କରନ୍ତୁ ଓ ତାପରେ ଧୂଆଁପତ୍ର ଖଣ୍ଡକୁ ଚିପୁଡ଼ି ପାଟଣିକୁ ଛାଣି ଦିଅନ୍ତୁ। ୧ ଲିଟର ପାଣିରେ ୧୦୦ ଗ୍ରାମ୍ ସାବୁନ୍ ଗୁଣ୍ଡ କରି ମିଶାଇ ଦିଅନ୍ତୁ। ସାବୁନ୍ ପାଣିକୁ ଧୂଆଁପତ୍ର ପାଣି ସହ ମିଶାଇ ଘାଣ୍ଟନ୍ତୁ। ଉକ୍ତ ମିଶ୍ରଣକୁ ୫ ରୁ ୬ ଗୁଣ ପାଣିରେ ମିଶାଇ ଗଛ ପତ୍ରରେ ସିଞ୍ଚନ କଲେ ପତ୍ର ଉକୁଣୀ, ଦହିହା ପୋକ, ଆଫିଡ୍, ସାଁବାଲୁଆ ଇତ୍ୟାଦି ଦାଉରୁ ଫସଲକୁ ରକ୍ଷା କରାଯାଇ ପାରେବ।

ବଣତୁଳସୀ: ଏହି ଗଛ ରାସ୍ତା କଡ଼ ଓ ପଡ଼ିଆ ଯାଗା ମାନଙ୍କରେ ଉଡଠିଥାଏ। ଏହାକୁ ଶୁଖାଇ ଗୁଣ୍ଡକରି, ପାଣିରେ ଭିଜାଇ ପତ୍ରରେ ସିଞ୍ଚନ କଲେ ଶୋଷଣ ପୋକ ଦାଉରୁ ରକ୍ଷା ମିଳେ। ଏଥିରେ ଗଛ ମୂଳ ଭିଜାଇଲେ ସୂତ୍ର ଜୀବ ଦାଉରୁ ରକ୍ଷା ମିଳେ।

ଲଙ୍କା: ୧ ଲିଟର ପାଣିରେ ୧୦ ଗ୍ରାମ୍ ହିସାବରେ ନାଲି ଲଙ୍କା ଗୁଣ୍ଡ ମିଶାଇ ଶୋଷକ ପୋକ ଓ ଜଉ ପୋକ ଦମନ କରାଯାଏ। ଖାଦ୍ୟ ପଦାର୍ଥକୁ ସାଇତି ରଖିବା ପାଇଁ ଗୋଟା ଶୁଖିଲା ଲଙ୍କା ମିଶାଯାଏ।

ପଶୁଜାତ ଦ୍ରବ୍ୟ: ୧ ଲିଟର ପାଣିରେ ୧୦ ଗ୍ରାମ୍ କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ଧାନର ଜୀବାଣଉ ଜନିତ ପତ୍ରପୋଡା ରୋଗ ଭଲ ହୁଏ। ଲୁହା ପାତ୍ରରେ ଗାଇମୂତକୁ ଏକ ସପ୍ତାହ ରଖି ତାହାକୁ ୬ ଗୁଣ ପାଣି ମିଶାଇ ପତ୍ର ସିଞ୍ଚନ କଲେ ପୋକ ରୋଗ କମ୍ ହୁଏ।

ସେବତୀ: ସେବତୀ ଗଛରେ ଷ୍ଟାଚାଇଡ୍ରିନ୍ ନାମକ ଏକ ପୋକରୋଧକ ରାସାୟନିକ ପଦାର୍ଥ ଥାଏ। ଏହାଦ୍ୱାରା ଛାରପୋକ, ପିମ୍ପୁଡ଼ି, ମାଛି ଅସରପା, ମଶା, ଝିଣ୍ଟିକା, ପତ୍ର ଉକୁଣୀ, ଦହିହାପୋକ ଦୂର କରାଯାଇପାରେ। ଏହାର ବିଷାକ୍ତ ପ୍ରଭାବ ବହୁ କମ୍ ଦିନ ପାଇଁ ରହେ।

ବେଗୁନିଆ ଓ କୋଚିଲା ପତ୍ର: ମୁଗ, ବିରି ଇତ୍ୟାଦି ସାଇତି ରଖିବା ପାଇଁ ଏହାର ପତ୍ର, କାଣ୍ଡ ଓ ଡାଳକୁ ଶୁଖାଇ ବ୍ୟବହାର କରାଯାଏ।







# ଓଜନ ହ୍ରାସରେ ସହାୟକ ହୁଏ ଚା’



ଅଧିକାଂଶ ଲୋକେ ଚା’କୁ ସକାଳ ସନ୍ଧ୍ୟା ପାନୀୟ ଭାବେ ପିଉଥିବାର ଦେଖାଯାଏ। ତାଲିକାରେ ଭାରତ, ବ୍ରିଟେନ ଓ ଆମେରିକାର ଲୋକେ ଶୀର୍ଷରେ ଅଛି। ବିଶେଷଜ୍ଞଙ୍କ ମତରେ, ଚା’ ପିଇବା ଉପାକରୀ ହେଲେ ଅଧଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନିକଟରେ ମେକ୍ସିକୋର ଖାଦ୍ୟ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ବିଭିନ୍ନ ପ୍ରକାରର ଚା’ ପିଇଲେ ଓଜନ ହ୍ରାସ ହୋଇଥାଏ। ଏହି ବିଭିନ୍ନ ସ୍ୱାଦର ଚା’ ମଧ୍ୟରେ ରହିଛି

ଗ୍ରୀନଟି: ସମସ୍ତ ବର୍ଗର ବ୍ୟକ୍ତି ଗ୍ରୀନଟି ଦିନକୁ ଅନ୍ତତଃ ଥରୁଟିଏ ପିଇଲେମ ଧ୍ୟ ସମୋନଙ୍କ ଓଜନ ନିୟନ୍ତିତ ହୋଇଥାଏ। ଏଥିରେ ଥିବା ପ୍ରଚୁର ପରିମାଣର ଆଂଟି-ଅକ୍ସିଡାଣ୍ଟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପରୀକ୍ଷାରୁ ପ୍ରକାଶିତ ଯେ ନିୟମିତ ଗ୍ରୀନଟି ପିଇବା ଦ୍ୱାରା ଦୈନିକ ୭୦ କ୍ୟାଲୋରୀ ଓଜନ ହ୍ରାସହୁଏ। ପିପରମିଣ୍ଟ ଟି: ଜାପାନ ଓ ଚୀନର କେତେକ ପ୍ରାନ୍ତରେ ଏହି ଚା’ର ଲୋକପ୍ରିୟତା ରହିଛି। ନିୟମିତ ଭାବେ ଏହି ଚା’ ପିଇଲେ ଅମ୍ଳ ରୋଗ ମଧ୍ୟ ନିୟନ୍ତିତ ହେଉଥିବାର ବିଶେଷଜ୍ଞଙ୍କ ମତ। ଓଲନ୍ଦ ଚା: ଚୀନରେ ଉପଲବ୍ଧ ହେଉଥିବା ଏହି ବିଶେଷ ସ୍ୱାଦର ଚା’ ପିଇଲେ ପେଟ ଚର୍ବି କମ୍ ହେଉଥିବାର ପରୀକ୍ଷାରୁ ପ୍ରକାଶିତ। ସେଠା ଯୁବପିଢ଼ି ଏହି ଚା’ ନିୟମିତ ଭାବେ ପିଇଥାନ୍ତି। ବିଶ୍ୱସ୍ତରରେ ଓଲଙ୍ଗ ଚା’ ବେଶ୍ ଲୋକପ୍ରିୟତା ରିହଛି। ବ୍ଲାକ୍ ଟି: କମ ସମୟ ମଧ୍ୟରେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ। ସକାଳବେଳା ଥରୁଟିଏ ଏହି ଚା’ ପିଇଲେ ଦୈନିକ ୬୦ କ୍ୟାଲୋରୀ ଓଜନ ହ୍ରାସ ପାଇଥାଏ ବୋଲି ବିଶେଷଜ୍ଞଙ୍କ ମତ।



# ଗର୍ଭବତୀ ଓ ସ୍ୱାଇନ୍‌ଫ୍ଲୁ

ଲକ୍ଷଣ:ଏହି ରୋଗରେ ଆକ୍ରାନ୍ତ ହେଲେ ଅତ୍ୟଧିକ ଜ୍ୱର, କାଶ, ଗଳା ଦରଜ, ଛିଙ୍କ, ନାକରୁ ପାଣି ବାହାରିବା, କ୍ଳାନ୍ତି, ମୁଣ୍ଡବ୍ୟଥା, ଦେହହାତ ଘୋଳାବିନ୍ଧା, ବାନ୍ତିହେବା ବା ଲାଗିବା, ଥକିପଡ଼ିବା, ଶୀତୁଆ ଲାଗିବା, ପେଟଗୋଳମାଳ, ଝାଡ଼ା, ନିମୋନିଆ ଆଦି ଲକ୍ଷଣମାନ ଦେଖାଯାଇଥାଏ। ତେବେ ସାଧାରଣ ମଣିଷଙ୍କ ଅପେକ୍ଷା ମଧୁମେହ ରୋଗୀ, ହୃଦରୋଗୀ, ଶ୍ୱାସରୋଗୀ, ବୃଦ୍ଧ ଓ ଛୋଟ ପିଲାମାନଙ୍କ ଠାରେ ଏବଂ ସର୍ବୋପରି ଗର୍ଭବତୀଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍‌ଥିବାରୁ ଏହି ରୋଗର ଆଶଙ୍କା ବେଶି।



ସତର୍କତା: ଯେହେତୁ ଗର୍ଭବତୀଙ୍କୁ ସ୍ୱାଇନ୍‌ଫ୍ଲୁ ହେବାର ଆଶଙ୍କା ବେଶି, ତେଣୁ ଏ ସମୟରେ ସେମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ।

♦ ଯଦି ପରିବାରରେ ବା ପଡ଼ିଶାରେ କେହି ସ୍ୱାଇନ୍‌ଫ୍ଲୁରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ। ଏହି ରୋଗରେ ଜ୍ୱରସହ ଶ୍ୱାସନଳୀ ସଂକ୍ରମଣର ଲକ୍ଷଣ ମଧ୍ୟ ଦେଖାଦେଇଥାଏ। ତେଣୁ ସଂକ୍ରମିତ ରୋଗୀ ନିକଟରୁ ଅତି କମ୍‌ରେ ୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ।

♦ ଅପର ପକ୍ଷରେ ସ୍ୱାଇନ୍‌ଫ୍ଲୁ ଆକ୍ରାନ୍ତ ବ୍ୟକ୍ତି ମଧ୍ୟ ଜନଗହଳି ଠାରୁ ଦୂରେଇ ରହିବା ଉଚିତ। କାରଣ ରୋଗୀ କାଶିଲେ ବା ଛିଙ୍କିଲେ ଏଥିରେ ଡ୍ରପ୍‌ଲେଟ୍ ସଂକ୍ରମଣ ମାଧ୍ୟମରେ ଲକ୍ଷଲକ୍ଷ ଭୂତାଣୁ ସ୍ପ୍ରେଡ୍ କରିଥାନ୍ତି, ଫଳରେ ଅନ୍ୟମାନଙ୍କ ଠାରେ ରୋଗ ଆଶଙ୍କା ବୃଦ୍ଧି ହୋଇଥାଏ।



♦ ପୁରାତନ କାଳରୁ ଗର୍ଭବତୀମାନଙ୍କୁ ଗୁରୁଜନମାନେ ଘରୁ ବାହାରକୁ ଯିବା ଉପରେ କଟକଣା ଲଗାଇଥାନ୍ତି। ଏବେ ଏହା ମଧ୍ୟ ବିଜ୍ଞାନ ସମ୍ମତ।

♦ ଗର୍ଭବତୀମାନେ ଜନଗହଳି ସ୍ଥାନ ଯଥା ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ୍ ଓ ବିମାନ ବନ୍ଦରକୁ ନଯିବା ଭଲ। ଏମିତିକି ପୂଜାପାର୍ବଣ, ସଭାସମିତି ଭଳି ସାର୍ବଜନୀନ ଗହଳି ସ୍ଥାନରେ ଯୋଗଦେବା ବି ଠିକ୍ ନୁହେଁ। ଯିବା ନିହାତି ଜରୁରୀ ହେଲେ ମୁହଁ ଓ ନାକରେ ୩ ଲେୟାର୍ ଥିବା ମାସ୍କ (ଏନ୍.୯୫) ବା ମୁଖା ପିନ୍ଧନ୍ତୁ। ତେବେ ସେଠାରେ କୌଣସି ଜିନିଷ ଛୁଅନ୍ତୁ ନାହିଁ ବା ସାଧାରଣ ଜାଗାରେ ପରିବେଷିତ ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ।

♦ ରୋଗୀଙ୍କ ସଂସ୍ପର୍ଶରେ ଆସିଲେ ସଙ୍ଗେ ସଙ୍ଗେ ହାତ ସାବୁନ୍ କିମ୍ବା ହ୍ୟାଣ୍ଡୱାଶ୍ ଓ ପାଣିରେ ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଧରି ଧୋଇବା ଉଚିତ।

♦ ଏମିତିକି ଗର୍ଭବତୀ ମହିଳା କବାଟ ହ୍ୟାଣ୍ଡେଲ୍, ଟେଲିଫୋନ୍, କମ୍ପ୍ୟୁଟର କିବୋର୍ଡ଼, ଟେବୁଲ ବା କୌଣସି ଜୈବିକ ପଦାର୍ଥ ସଂସ୍ପର୍ଶରେ ଆସିଲେ ମଧ୍ୟ ହାତ ସଫା କରିବା ଆବଶ୍ୟକ।

♦ ଗର୍ଭବତୀ ନିଜେ ମଧ୍ୟ କାଶିଲେ ଛିଙ୍କିଲେ ମୁହଁରେ ରୁମାଲ ବା ଟିସୁ ପେପର ଦେଦବା ଦରକାର।

ଜାଣି ରଖନ୍ତୁ: ଗର୍ଭବତୀଙ୍କୁ ଅତ୍ୟଧିକ ଜ୍ୱର, କାଶ, ଛିଙ୍କ, ପେଟ ଗୋଳମାଳ, ଝାଡ଼ା, ଦେହ ଦରଜ ବା ନିମୋନିଆ ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏଚ ୱାନ୍, ଏନ୍‌ୱାନଭୂତାଣୁ ପାଇଁ ସ୍ୱାବ୍ ଟେଷ୍ଟ୍ କରାଇବା ଜରୁରୀ। କାରଣ ଗର୍ଭାବସ୍ଥାରେ ସ୍ୱାଇନଫ୍ଲୁ ଦ୍ୱାରା ଗର୍ଭସ୍ଥ ଶିଶୁଟି ଆକ୍ରାନ୍ତ ହୋଇଥାଏ। ସ୍ଥଳ ବିଶେଷରେ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥାଏ ଏବଂ ଗର୍ଭବତୀର ମଧ୍ୟଜୀବନ ଉପରେ ବିପଦ ଥାଏ।

ପ୍ରସବ ଯଦି ରୋଗ ଚିହ୍ନଟ ହୁଏ ତେବେ ପ୍ରସବ ମେଡ଼ିକାଲ କଲେଜ ବା ଲେଭେଲ ଥ୍ରୀ ସେଣ୍ଟରରେ କରାଇବା ଦରକାର। ପ୍ରସବ କରାଇବା ସମୟରେଡାକ୍ତର ଓ ସିଷ୍ଟରମାନେ ମାସ୍କ ପିନ୍ଧିବା ଜରୁରୀ। ଏହି ଭୂତାଣୁ କବଳରୁ ଶିଶୁକୁ ରକ୍ଷା କରିବାକୁ ହେଲେ ତୁରନ୍ତ ଶିଶୁକୁ ନିଓନାଟାଲ କେୟାର ୟୁନିଟ୍‌ରେ ରଖିବା ଉଚିତ। ରୋଗିଣୀ ମଧ୍ୟ ଅନ୍ୟ ୱାର୍ଡ଼ରେ ରହିବା ଦରକାର। ଟିକା- ମନେରଖନ୍ତୁ ଗର୍ଭବତୀ ମହିଳାମାନେ ଲାଇଭ ଭ୍ୟାକ୍ସିନ୍ ନେଇପାରିବେ ନାହିଁ। ତେଣୁ ସ୍ୱାଇନଫ୍ଲୁ ପାଇଁ ମିଳୁଥିବା ଟିକା ମଧ୍ୟରୁ ନାଜାଲସ୍ପ୍ରେରେ ଲାଇଭ ଭାକ୍ସିନ୍ ଥିବାରୁ ଏହା ଗର୍ଭବତୀ ମହିଳାଙ୍କୁ ଦିଆଯାଏ ନାହିଁ। ଯେଉଁ ଗର୍ଭବତୀ ମହିଳାମାନେ ରୋଗୀମାନଙ୍କର ସଂସ୍ପର୍ଶରେ ଆସିବେ ମୋନେ ଟିକା, ଇଞ୍ଜେକସନ ଆକାରରେ ନେଇପାରିବେ। ସେହିଭଳି ଯେଉଁ ଗର୍ଭବତୀମାନଙ୍କର ପରିବାର ବା ପଡ଼ିଶାରେ କାହାର ସ୍ୱାଇନ୍‌ଫ୍ଲୁ ହୋଇଛି ତେବେ ସେମାନେ ‘ଟାମିଫ୍ଲୁ’ ଟିକା ମଧ୍ୟ ନେଇପାରିବେ। କିମ୍ବାକାଶ, ଛିଙ୍କ, ଜ୍ୱର ଓ ମୁଣ୍ଡବ୍ୟଥା ୪୮ଘଣ୍ଟାରୁ ବେଶି ରହିଲେ ‘ଟାମିଫ୍ଲୁ’ ବଟିକା ସେବନ ମଧ୍ୟକରିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଧିକାରରୁ ଅନୁକମ୍ପା ଆଡ଼କୁ: ଗ୍ରାମୀଣ ନିଯୁକ୍ତିର ବଦଳୁଥିବା ସ୍ୱରୂପ

ଏକ ଐତିହାସିକ ତଥା ବିତର୍କିତ ପଦକ୍ଷେପ କ୍ରମରେ କେନ୍ଦ୍ର ସରକାର ଦୁଇ ଦଶନ୍ଧି ଧରି ଚାଲିଆସୁଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' (ମନରେଗା) କୁ ବଦଳାଇ ଏକ ନୂତନ ଆଇନ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)' ବା ସଂକ୍ଷେପରେ 'ଜି ରାମ ଜି' (G RAM G) ପ୍ରଣୟନ କରିଛନ୍ତି । ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ଏହା ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଆଇନରେ ପରିଣତ ହୋଇସାରିଛି । ଭାରତର ଗ୍ରାମୀଣ ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ବୋଲି ସରକାର ଦାବି କରୁଥିବାବେଳେ, ବିରୋଧୀ ଦଳ ଏବଂ ସମାଜିକ କର୍ମୀମାନେ ଏହାକୁ ଗରିବଙ୍କ ଅଧିକାର ଉପରେ ଏକ କୁଠାରାଘାତ ବୋଲି ଅଭିହିତ କରୁଛନ୍ତି । ଏହି ନୂତନ ଆଇନର ବିଭିନ୍ନ ଦିଗ, ଏହାର ଗଠନମୂଳକ ପରିବର୍ତ୍ତନ ଏବଂ ଓଡ଼ିଶା ଭଳି ରାଜ୍ୟ ଉପରେ ଏହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଏକ ନିରପେକ୍ଷ ଓ ତଥ୍ୟଭିତ୍ତିକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ସର୍ବପ୍ରଥମେ ଏହି ଆଇନର ନାମ ପରିବର୍ତ୍ତନ ଏକ ବଡ଼ ରାଜନୈତିକ ଓ ବୈଚାରିକ ବିତର୍କ ସୃଷ୍ଟି କରିଛି । 'ମହାତ୍ମା ଗାନ୍ଧୀ'ଙ୍କ ନାମକୁ ହଟାଇ ଦିଆଯିବା କେବଳ ଏକ ନାମକରଣର ପରିବର୍ତ୍ତନ ନୁହେଁ, ବରଂ ଏହା ଗ୍ରାମ ସ୍ୱରାଜର ମୂଳ ଦର୍ଶନରୁ ଏକ ବିଚ୍ୟୁତି ବୋଲି ଅନେକ ମତପୋଷଣ କରୁଛନ୍ତି । ତେବେ ନାମ ବାହାରେ ଯେଉଁ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ନୂତନ 'ଜି ରାମ ଜି' ଆଇନ ଅଧୀନରେ ଗ୍ରାମୀଣ ପରିବାରଙ୍କ ପାଇଁ ବାର୍ଷିକ ନିଶ୍ଚିତ କର୍ମନିଯୁକ୍ତି ଦିବସକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରାଯାଇଛି । ପ୍ରଥମ ଦୃଷ୍ଟିରେ ଏହା ଶ୍ରମିକମାନଙ୍କ ପାଇଁ ଏକ ବଡ଼ ଆଶ୍ୱାସନା ଭଳି ମନେହୁଏ । ଓଡ଼ିଶାର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ, ଯେଉଁଠାରେ ଦାଦନ ଖଟିବା ପାଇଁ ଲୋକେ ବାହାର ରାଜ୍ୟକୁ ଯାଆନ୍ତି, ସେଠାରେ ଅତିରିକ୍ତ ୨୫ ଦିନର କାମ ନିଶ୍ଚିତ ଭାବରେ ଆୟ ବୃଦ୍ଧିରେ ସହାୟକ ହୋଇପାରେ । କିନ୍ତୁ ଏହି 'ବର୍ଦ୍ଧିତ ଦିବସ'ର ବାସ୍ତବ ରୂପାୟନ ପଛରେ ଥିବା ଅନ୍ୟାନ୍ୟ ସର୍ତ୍ତଗୁଡ଼ିକୁ ଅଣଦେଖା କରାଯାଇପାରିବ ନାହିଁ ।

ଏହି ନୂତନ ଆଇନର ସବୁଠାରୁ ବିବାଦୀୟ ଏବଂ ଚିନ୍ତାଜନକ ଦିଗଟି ହେଉଛି ପାଣ୍ଠି ବଣ୍ଟନ ବ୍ୟବସ୍ଥାରେ ପରିବର୍ତ୍ତନ । ପୂର୍ବରୁ ମନରେଗା ଯୋଜନାରେ ମଜୁରୀ ବାବଦ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିଲେ । କିନ୍ତୁ 'ଜି ରାମ ଜି' ଆଇନ ଅନୁସାରେ ଏବେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ଖର୍ଚ୍ଚ ବହନ କରାଯିବ । ଅର୍ଥାତ୍ ମଜୁରୀ ବାବଦ ଖର୍ଚ୍ଚର ୪୦ ପ୍ରତିଶତ ଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ିବ । ଓଡ଼ିଶା ଭଳି ଏକ ରାଜ୍ୟ ପାଇଁ, ଯାହାର ନିଜସ୍ୱ ରାଜସ୍ୱ ଆୟ ସୀମିତ ଏବଂ ଯିଏ ଅନେକ କଲ୍ୟାଣକାରୀ ଯୋଜନା ଚଳାଉଛି, ଏହି ଅତିରିକ୍ତ ଆର୍ଥିକ ବୋଝ ଏକ ବଡ଼ ଆହ୍ୱାନ ହୋଇପାରେ । ଯଦି ରାଜ୍ୟ ସରକାରଙ୍କ ପାଖରେ ପର ?ୟାପ୍ତ ଅର୍ଥ ନ ରୁହେ, ତେବେ ଶ୍ରମିକମାନଙ୍କ ମଜୁରୀ ପ୍ରଦାନରେ ବିଳମ୍ବ ଘଟିପାରେ କିମ୍ବା କାମ ଯୋଗାଣରେ ହ୍ରାସ ଘଟିପାରେ । ଏହା ଫଳରେ ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କ ଉପରେ ଅଯଥା ଚାପ ସୃଷ୍ଟି ହେବାର ଆଶଙ୍କା ରହିଛି । କେବଳ ଉତ୍ତର-ପୂର୍ବାଞ୍ଚଳ ଏବଂ ପାହାଡ଼ିଆ ରାଜ୍ୟଗୁଡ଼ିକ ପାଇଁ ଏହି ଅନୁପାତ ୯୦:୧୦ ରଖାଯାଇଛି, କିନ୍ତୁ ଓଡ଼ିଶା ଭଳି ଗରିବ ରାଜ୍ୟକୁ ସାଧାରଣ ବର୍ଗରେ ରଖିବା ଦୁର୍ଭାଗ୍ୟଜନକ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି କୃଷି କାର୍ଯ୍ୟର ଋତୁ (ବୁଣା ଓ ଅମଳ ସମୟ) ରେ ୬୦ ଦିନ ପାଇଁ ଏହି ଯୋଜନାକୁ ବନ୍ଦ ରଖିବାର ବ୍ୟବସ୍ଥା । ସରକାରଙ୍କ ଯୁକ୍ତି ହେଉଛି ଯେ ଏହାଦ୍ୱାରା ଚାଷୀମାନଙ୍କୁ କୃଷି କାର୍ଯ୍ୟ ପାଇଁ ସହଜରେ ଶ୍ରମିକ ମିଳିପାରିବେ । କିନ୍ତୁ ଏହାର ବିପରୀତ ଦିଗଟି ଅତ୍ୟନ୍ତ ସମ୍ବେଦନଶୀଳ । ଗ୍ରାମାଞ୍ଚଳରେ ଏମିତି ଅନେକ ଭୂମିହୀନ ପରିବାର ଅଛନ୍ତି ଯେଉଁମାନଙ୍କର ନିଜର ଜମି ନାହିଁ କିମ୍ବା ଯେଉଁମାନେ କୃଷି କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି ନାହିଁ । ସେମାନଙ୍କ ପାଇଁ ଏହି ଦୁଇ ମାସର 'କର୍ମ ବିରତି' ସମୟରେ ଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡ଼ିବ । ମନରେଗାର ମୂଳ ଲକ୍ଷ୍ୟ ଥିଲା ଯେ ଯେତେବେଳେ ଅନ୍ୟ କୌଣସି କାମ ନ ମିଳିବ, ସେତେବେଳେ ସରକାର କାମ ଯୋଗାଇବେ । କିନ୍ତୁ ଏହି ନୂତନ ନିୟମ ସେହି ସୁରକ୍ଷା ବଳୟକୁ ଦୁର୍ବଳ କରିଦେଉଛି । ବିଶେଷଜ୍ଞମାନଙ୍କ ମତରେ, ଏହି ନୂତନ ଆଇନଟି 'ଚାହିଦା ଭିତ୍ତିକ' (Demand-driven) ବ୍ୟବସ୍ଥାରୁ 'ଯୋଗାଣ ଭିତ୍ତିକ' (Supply-driven) ବ୍ୟବସ୍ଥା ଆଡ଼କୁ ଗତି କରୁଛି । ମନରେଗାରେ ଆଇନଗତ ଭାବେ ଜଣେ ଶ୍ରମିକ କାମ ମାଗିବାର ଅଧିକାର ପାଉଥିଲେ ଏବଂ ସରକାର କାମ ଯୋଗାଇବାକୁ ବାଧ୍ୟ ଥିଲେ । କିନ୍ତୁ 'ଜି ରାମ ଜି' ରେ ବଜେଟ୍ ଆବଣ୍ଟନ ଏବଂ କେନ୍ଦ୍ରୀୟ ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଯଦି କୌଣସି ବର୍ଷ ପାଇଁ ଆବଣ୍ଟିତ ଅର୍ଥ ସରିଯାଏ, ତେବେ ଶ୍ରମିକମାନେ ଚାହିଁଲେ ମଧ କାମ ପାଇବାରୁ ବଞ୍ଚିତ ହୋଇପାରନ୍ତି । ଏହା 'ଅଧିକାର' ପରିବର୍ତ୍ତେ ଏକ ସରକାରୀ 'ଅନୁକମ୍ପା' ରେ ପରିଣତ ହେବାର ଆଶଙ୍କା ସୃଷ୍ଟି କରୁଛି । ଡିଜିଟାଲ୍ ବ୍ୟବସ୍ଥା ଏବଂ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରାଯିବା ଦ୍ୱାରା ସ୍ୱଚ୍ଛତା ଆସିବ ବୋଲି କୁହାଯାଉଛି, କିନ୍ତୁ ବାସ୍ତବ କ୍ଷେତ୍ରରେ ଇଣ୍ଟରନେଟ୍ ସଂଯୋଗର ଅଭାବ ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପ୍ରକୃତ ହିତାଧିକାରୀ ହଇରାଣ ହେଉଛନ୍ତି । ନୂତନ ଆଇନରେ ଏହି ବୈଷୟିକ ପ୍ରତିବନ୍ଧକଗୁଡ଼ିକୁ କିପରି ଦୂର କରାଯିବ ସେ ନେଇ ସ୍ପଷ୍ଟ ଚିତ୍ର ନାହିଁ । ଏଥିସହ, ଗ୍ରାମ ସଭାର କ୍ଷମତା ଏବଂ ସାମାଜିକ ସମୀକ୍ଷା (Social Audit) ର ଭୂମିକାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି କେନ୍ଦ୍ରୀୟ କାଉନସିଲ୍ ହାତରେ ସମସ୍ତ ନିୟନ୍ତ୍ରଣ ରହେ, ତେବେ ବିକେନ୍ଦ୍ରୀକରଣର ମୂଳ ଲକ୍ଷ୍ୟ ବ୍ୟାହତ ହେବ ।

ପରିଶେଷରେ, 'ଜି ରାମ ଜି' ଆଇନ ଗ୍ରାମୀଣ ଭାରତର ବିକାଶ ପାଇଁ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିବାର ସ୍ୱପ୍ନ ଦେଖାଉଥିଲେ ମଧ, ଏହାର ବାସ୍ତବ ରୂପାୟନରେ ଅନେକ ଆହ୍ୱାନ ରହିଛି । ୧୨୫ ଦିନର ନିଯୁକ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ରାଜ୍ୟ ଉପରେ ଆର୍ଥିକ ବୋଝ ଲଦିବା ଏବଂ କାମର ଅଧିକାରକୁ ସଙ୍କୁଚିତ କରିବା ଏକ ନକାରାତ୍ମକ ଦିଗ । ଓଡ଼ିଶା ସରକାରଙ୍କୁ ଏହି ନୂତନ ବ୍ୟବସ୍ଥାରେ ନିଜର ଦାବି ଉପସ୍ଥାପନ କରିବା ସହ ଗରିବ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଜାଗ ରହିବାକୁ ପଡ଼ିବ । ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ନିଯୁକ୍ତି ଏକ ଅଧିକାର ହେବା ଉଚିତ, କେବଳ ଏକ ସରକାରୀ ଯୋଜନା ନୁହେଁ । ସରକାର ଏହି ପରିବର୍ତ୍ତନଗୁଡ଼ିକୁ ଲାଗୁ କରିବା ପୂର୍ବରୁ ଏହାର ତୃଣମୂଳ ସ୍ତରର ପ୍ରଭାବକୁ ଗମ୍ଭୀରତାର ସହ ବିଚାର କରିବା ଏକାନ୍ତ ଆବଶ୍ୟକ ।

# ସୃଷ୍ଟିର ମୌଳିକ ସତ୍ତା



ଅଧ୍ୟାପକ ଗୋପବନ୍ଧୁ

ମନୁଷ୍ୟର ଉଚ୍ଚତର ଚେତନଶୀଳତା ତାକୁ ବାଧ୍ୟ କରିଛି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରେ ପ୍ରଶ୍ନ ଉତଥାପନ କରିବା ପାଇଁ। ଏ ଜଗତର ସୃଷ୍ଟି କିପରି ହୋଇଛି, କେହି ଜଣେ ସୃଷ୍ଟି କରିଛନ୍ତି ଅଥବା ଅନ୍ୟ କୌଣସି କାରଣ ରହିଛି ଏହି ସୃଷ୍ଟିର ତା ଉପରେ ବହୁ ତର୍ଜମା ହୋଇଛି। ଏହାକୁ ନେଇ ଅନେକ ପ୍ରକାରର ମତ ମଧ୍ୟ ଆସିଛି। ଅନେକ ଦାର୍ଶନିକ ଓ ଅନେକ ଚିନ୍ତକ ଏହାର ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଛନ୍ତି। ଏପରିକି ବିଭିନ୍ନ ଧର୍ମରେ ମଧ ଏ ବିଷୟରେ ଚର୍ଚ୍ଚା କରାଯାଇଛି। କାରଣ ଧର୍ମ ପ୍ରଚାରକମାନେ ଏହି ସମାନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ତାଙ୍କ ଅନୁଗାମୀଙ୍କ ନିକଟରୁ। ମନୁଷ୍ୟର ଜଗତ ସହିତ ସମ୍ବନ୍ଧ ଓ ଜଗତ ତାର ସୃଷ୍ଟି ସହିତ କିପରିଭାବେ ସମ୍ବନ୍ଧିତ ତାହାର ପ୍ରାଞ୍ଜଳ ବ୍ୟାଖ୍ୟା ବିନା କୌଣସି ଧର୍ମ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଣେ ଧର୍ମଗୁରୁ ଶିଷ୍ୟମାନଙ୍କ ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି। ଉତ୍ତର କେତେ ଯୁକ୍ତିସଙ୍ଗତ ଓ ବିଜ୍ଞାନସମ୍ମତ ତାହା ଭିନ୍ନ କଥା।

ଜଗତର ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କଲାବେଳେ ଏ ସମ୍ବନ୍ଧରେ ଚିନ୍ତା କରିଥିବା ଦାର୍ଶନିକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ। ଗୋଟିଏ ହେଉଛି ଭାରତୀୟ ଦାର୍ଶନିକ ଓ ଅନ୍ୟଟି ହେଉଛି ପାଶ୍ଚାତ୍ୟ ଦାର୍ଶନିକ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଦର୍ଶନ ଧର୍ମଭିତ୍ତିକ ହୋଇଥିବା ବେଳେ ପାଶ୍ଚାତ୍ୟ ଦର୍ଶନ ଧର୍ମଭିତ୍ତିକ ନୁହେଁ। ଅର୍ଥାତ୍ ଭାରତୀୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇଥିବା ବେଳେ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ବିଚାର ଧର୍ମରରୂପ ନେଇ ନାହିଁ। ତେବେ ପ୍ରାୟ ସମସ୍ତ ଦାର୍ଶନିକଙ୍କ ସୃଷ୍ଟି ସମ୍ବନ୍ଧୀୟ ମତକୁ ତିନି ପ୍ରକାରରେ ସୂଚୀବଦ୍ଧ କରାଯାଏ। ଅର୍ଥାତ୍ ଏମାନଙ୍କ ମଧ୍ୟରୁ କେତେକେ ଏକାନ୍ତବାଦରେ, ଆଉ କେତେକେ ଦ୍ୱୈତବାଦରେ ଓ ଅନ୍ୟ କେତେକେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି। ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଧାର ଗୋଟିଏ କିମ୍ବା ଦୁଇଟି କିମ୍ବା ଅନେକ। ଏହାକୁ ନେଇ ଦାର୍ଶନିକମାନଙ୍କ ମଧ୍ୟରେ ଅନେକ ମତ ପାର୍ଥକ୍ୟ ରହିଛି। ସମସ୍ତେ ନିଜ ନିଜ ମତରେ ଅଟଳ ରହିଛନ୍ତି ଓ ସୃଷ୍ଟିତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି।

ଯେଉଁମାନେ ଏକାନ୍ତବାଦୀ ସେମାନେ ବିଶ୍ୱାସ କରନ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଗୋଟିଏ ମୂଳଆଧାରରୁ ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ମୋନିଜିମ୍ ବୋଲି କୁହାଯାଇଛି। ଏହି ଏକାନ୍ତବାଦୀମାନେ ପ୍ରାୟତଃ ଆସ୍ତିକ ହୋଇଥାନ୍ତି। ସୃଷ୍ଟିର ଏହି ମୂଳ ଆଧାର ହେଉଛନ୍ତି ଭଗବାନ। ଭାରତୀୟ ଦର୍ଶନରେ ବେଦାନ୍ତିକମାନେ ଏକାନ୍ତବାଦୀ ଅଟନ୍ତି। ଏମାନଙ୍କ ମତରେ ବ୍ରହ୍ମ ବା ଭଗବାନ ହେଉଛନ୍ତି ସକଳ ସୃଷ୍ଟିର ମୂଳ ଆଧାର। ସକଳ ସୃଷ୍ଟିର ମୂଳ କାରଣ ଓ ଶେଷ କାରଣ ମଧ। ଭଗବାନ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ ଓ ଧ୍ୱଂସକାରୀ। ବ୍ରହ୍ମ ସମସ୍ତଙ୍କ କାରଣ, କିନ୍ତୁ ତାଙ୍କ ସୃଷ୍ଟିର କୌଣସି କାରଣ ନାହିଁ। ସେ ହେଉଛନ୍ତି ଅଜାତ। ସେ ଚିରନ୍ତନ। ସେ ହେଉଛନ୍ତି ଜଗତର ଏକମାତ୍ର ସତ୍ୟ ଉପାଦାନ। ଭାରତବର୍ଷରେ ହିନ୍ଦୁ ଦର୍ଶନ କହିଲେ ବେଦାନ୍ତିକ ଦର୍ଶନକୁ ବୁଝାଇଥାଏ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଏକାନ୍ତବାଦର ସମର୍ଥକ ଓ ଆଦିପ୍ରବର୍ତ୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ। ହିନ୍ଦୁଧର୍ମ ସମର୍ଥିତ ସମସ୍ତ ଦାର୍ଶନିକ ଏକାନ୍ତବାଦୀ ଅଟନ୍ତି। ପାଶ୍ଚାତ୍ୟ ଦର୍ଶନରେ ସ୍ପିନୋଜା, ହେଗେଲ, ବାରକ୍ଲେ ପ୍ରଭୃତି ଦାର୍ଶନିକମାନେ ମୋନିଜିମ୍ ବା ଏକାନ୍ତବାଦରେ ବିଶ୍ୱାସ କରନ୍ତି। ଇସାଇ ଧର୍ମାବଲମ୍ବୀମାନେ ଏକାନ୍ତବାଦୀ ଅଟନ୍ତି। ସୃଷ୍ଟିକର୍ତ୍ତାଭାବେ ସେମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି। ଇସଲାମ୍ ଧର୍ମାବଲମ୍ବୀମାନେ ମଧ ଏକାନ୍ତବାଦୀ ଅଟନ୍ତି। ଏମାନେ ଆଲ୍ଲାଙ୍କୁ ସୃଷ୍ଟିର ମୂଳ କାରଣ ବୋଲି ଗ୍ରହଣ କରନ୍ତି। ସମସ୍ତ ଆସ୍ତିକ ଏକାନ୍ତବାଦୀ ଅଟନ୍ତି।

ଦ୍ୱୈତବାଦ ଦୁଇଟି ତତ୍ତ୍ୱରେ ବିଶ୍ୱାସ କରେ। ଦ୍ୱୈତବାଦୀମାନେ ଜଗତ ସୃଷ୍ଟିର ଦୁଇଟି କାରଣ ରହିଛି ବୋଲି କହନ୍ତି। ପଶ୍ଚାତ୍ୟ ଦର୍ଶନରେ ଏହାକୁ ଡୁଆଲିଜିମ୍ ବୋଲି କୁହାଯାଇଛି, ତାହା ହେଉଛି ମନ ଓ ଶରୀର। ଭାରତୀୟ ଦର୍ଶନରେ ଏହି ଦୁଇ ତତ୍ତ୍ୱ ହେଉଛି 'ପ୍ରକୃତି' ଓ 'ପୁରୁଷ'। ଶାଂଖ୍ୟ ଓ ଯୋଗ ଦର୍ଶନ ସୃଷ୍ଟିର ଏହି ଦୁଇ ମୂଳ ଉପାଦାନକୁ ସ୍ୱୀକୃତି ଦିଅନ୍ତି। ଏମାନଙ୍କ ସଂଯୋଗରେ ସୃଷ୍ଟିର ସଂରଚନା ହୁଏ। ଏହି ଦୁଇ ଉପାଦାନ ଚିରନ୍ତନ। ଏମାନେ ଅଜାତ ମଧ। ସଦାସର୍ବଦା ଏମାନେ ବିଦ୍ୟମାନ। ଏହି ଦୁଇଟି ଉପାଦାନକୁ ବସ୍ତୁ ଓ ଚେତନ ବୋଲି ମଧ କୁହାଯାଏ। ପ୍ରକୃତି ହେଉଛି ବସ୍ତୁ ଓ ପୁରୁଷ ହେଉଛି ଚେତନ। ଦୁଇଟିଯାକ ହେଉଛି ମୂଳକାରଣ। ଏମାନଙ୍କ ସଂଯୋଗ ବିନା ଜଗତରେ ସୃଷ୍ଟି ସମ୍ଭବପର ନୁହେଁ। ପଶ୍ଚାତ୍ୟ ଦର୍ଶନରେ ଡେକାର୍ଡ୍ସ ହେଇଛନ୍ତି ଦ୍ୱୈତବାଦର ଦୃଢ଼ ସମର୍ଥକ। ସେ ମାଇଣ୍ଡ ଓ ବଡି ବା ମନ ଓ ଶରୀରକୁ ଦୁଇଟି ସ୍ୱତନ୍ତ୍ର ଉପାଦାନଭାବେ ସ୍ୱୀକୃତି ଦେଇଛନ୍ତି। ଏହାରି ମାଧ୍ୟମରେ ସେ ସୃଷ୍ଟିତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ତାଙ୍କ ପୂର୍ବରୁ ପ୍ଲାଟୋ ଓ ଆରିଷ୍ଟୋଟଲ ଦ୍ୱୈତବାଦର ପ୍ରଚାର କରିଛନ୍ତି। ତାଙ୍କ ପରେବି ଅନେକ ଦାର୍ଶନିକ ଆସିଛନ୍ତି ଯେଉଁମାନେ ସମାନ ବିଚାରକୁ ସମର୍ଥନ କରିଛନ୍ତି। ଦ୍ୱୈତବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ନାସ୍ତିକ। ସାଂଖ୍ୟ-ଯୋଗରେ ପୁରୁଷକୁ ସୃଷ୍ଟିକର୍ତ୍ତାଭାବେ ନୁହେଁ, ବରଂ ସର୍ବୋଚ୍ଚ ସତ୍ତାଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ପୁରୁଷ ପ୍ରକୃତିର ସଂସ୍ପର୍ଶରେ ଆସିଲା ପରେ ହିଁ ସୃଷ୍ଟି ସମ୍ଭବପର ହୁଏ। ବେଦାନ୍ତିକ ଦାର୍ଶନିକମାନେ ଦ୍ୱୈତବାଦକୁ ଅସ୍ୱୀକାର କରୁଥିବା ଯୋଗୁଁ ତାଙ୍କ ପ୍ରଦତ୍ତ ଏକାନ୍ତବାଦକୁ ଅଦ୍ୱୈତ ବେଦାନ୍ତ ବୋଲି କହନ୍ତି। କାରଣ ବେଦାନ୍ତବାଦର ଉତଥାନ କାଳରେ ଦ୍ୱୈତବାଦୀ ବିଚାର ମୁଖ୍ୟ ପ୍ରତିବନ୍ଧକ ଥିଲା, ମୁଖ୍ୟ ପ୍ରତିରୋଧି ଥିଲା।

ଅନେକାନ୍ତବାଦ ସୃଷ୍ଟିର ଅନେକ ଉପାଦାନରେ ବିଶ୍ୱାସ କରେ। ଏହାକୁ ବିଶେଷବାଦ ବୋଲି ମଧ୍ୟ କୁହାଯାଏ। ପାଶ୍ଚାତ୍ୟ ଦର୍ଶନରେ ଏହାକୁ ପ୍ଲୁରାଲିଜିମ୍ ବୋଲି କୁହାଯାଇଛି। ଏହି ମତବାଦର ସମର୍ଥକମାନେ ଜଗତ ସୃଷ୍ଟିର ମୂଳରେ ଅନେକ ଉପାଦାନ ରହିଛି ବୋଲି କହନ୍ତି। କୌଣସି ଗୋଟିଏ ବା ଦୁଇଟି ଉପାଦାନରେ ଜଗତ ସୃଷ୍ଟି ହୋଇନାହିଁ। ଏହି ଉପାଦାନଗୁଡିକ ଅମର। ଏହି କ୍ଷୁଦ୍ରତମ ଉପାଦାନଗୁଡ଼ିକୁ ଅଣୁ ବା ଏଟମ୍, ମୋନାଡ୍, ସାବଷ୍ଟେନ୍ସ ଇତ୍ୟାଦି ବୋଲି କୁହାଯାଇଛି। ଏଗୁଡିକ ଜନ୍ମ ଓ ମୃତ୍ୟୁର ଉର୍ଦ୍ଧ୍ୱରେ। ଭାରତୀୟ ଦର୍ଶନରେ ଜୈନ, ଚାର୍ବାକ୍, ନ୍ୟାୟ ଓ ବୈଶେଷିକମାନେ ଏହି ତତ୍ତ୍ୱରେ ବିଶ୍ୱାସ କରନ୍ତି। ଅନେକାନ୍ତବାଦୀମାନେ ସାଧାରଣତଃ ନାସ୍ତିକ ହୋଇଥାନ୍ତି। ଜୈନମାନଙ୍କ ମତରେ ଅସଂଖ୍ୟ ଅଣୁ ଓ ଆତ୍ମାକୁ ନେଇ ଜଗତ ସୃଷ୍ଟି ହୋଇଛି। ଏଗୁଡିକ ଅମର। ପ୍ରତ୍ୟେକ ସୃଷ୍ଟି ଏମାନଙ୍କ ସମ୍ମିଶ୍ରଣରେ ସଂଗଠିତ ହୁଏ। ଚାର୍ବାକ୍ ମାନେ ଚାରୋଟି ଅନୁଭୂତିସିଦ୍ଧ ଉପାଦାନକୁ ଅମର ବୋଲି ସ୍ୱୀକାର କରନ୍ତି। ସେଗୁଡିକ ହେଉଛି ମାଟି, ଜଳ, ଅଗ୍ନି ଓ ବାୟୁ। ଏମାନଙ୍କ ସଂଯୋଗରେ ଜଗତ ସୃଷ୍ଟି ହୋଇଛି। ନ୍ୟାୟ-ବୈଶେଷିକମାନେ ମଧ ଅସଂଖ୍ୟ ଉପାଦାନରେ ଜଗତ ସୃଷ୍ଟି ହୋଇଛି ବୋଲି ଯୁକ୍ତି ରଖନ୍ତି। ଅସଂଖ୍ୟ 'ବିଶେଷ କଣା' ଦ୍ୱାରା ଜଗତର ସୃଷ୍ଟି ହୋଇଛି। ପାଶ୍ଚାତ୍ୟ ଦର୍ଶନରେ ଯେଉଁମାନେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି ସେମାନେ ହେଲେ ଅନକ୍ସାଗୋରସ, ଆରକୁଲେସ୍, ଜନ ହିକ୍ସ ପ୍ରମୁଖ। ବିଜ୍ଞାନକୁ ବସ୍ତୁର କ୍ଷୁଦ୍ରତମ ଉପାଦାନ ଅଣୁର ଅବଧାରଣା ଏମାନଙ୍କ ନିକଟରୁ ଆସିଛି। ଅଣୁମାନଙ୍କ ସଂଯୋଗରେ ବସ୍ତୁର ସୃଷ୍ଟି ହୁଏ ଓ ଏମାନଙ୍କ ବିଘଟନରେ ବସ୍ତୁର ବିନାଶ।

ଜଗତ ସୃଷ୍ଟିର ମୂଳକାରଣ କଣ, ତାହାର ବାସ୍ତବବାଦୀ ସମାଧନ ଏଯାଏଁ ମିଳିନାହିଁ। ଅବଶ୍ୟ ଯେଉଁମାନେ ଆଧାତ୍ମିକବାଦୀ ଓ ଧର୍ମୀୟ ଅନୁଗାମୀ ସେମାନେ ଜଗତ ସୃଷ୍ଟିର ମୂଳକାରଣ ଜଣେ ସର୍ବୋଚ୍ଚ ବ୍ୟକ୍ତି ବୋଲି କହି ବିତର୍କ ଓ ଜିଜ୍ଞାସାର ସମାପ୍ତ କରନ୍ତି। ଯେକି ଈଶ୍ୱର, ଗଡ, ଆଲ୍ଲା, ବ୍ରହ୍ମ, ଭଗବାନ ଇତ୍ୟାଦି ନାମରେ ସମ୍ବୋଧିତ ହୁଅନ୍ତି। ଏହାସତ୍ତ୍ୱେ ସୃଷ୍ଟିତତ୍ତ୍ୱ ଉପରେ ଜିଜ୍ଞାସା ଓ ବିତର୍କ ଏଯାଏଁ ସମାପ୍ତ ହୋଇନାହିଁ ପରି ମନେହୁଏ। କାରଣ ଏପରି ଧର୍ମୀୟ ମତବାଦକୁ ଅନେକେ ଗ୍ରହଣ କରନ୍ତି ନାହିଁ। ବିଶ୍ୱବ୍ରହ୍ମାଣ୍ଡର ମୂଳସତ୍ୟକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଏବେବି ଅଙ୍କୁରିତ ହେଉଛି।

+ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଚିକିତ୍ସାରେ ସଦୃଶ ବିଧାନ, ବିସଦୃଶ ବିଧାନ



ଅଜୟ କୁମାର ବେହେରା

ଅନେକ କ୍ଷେତ୍ରରେ ସଦୃଶ ଓ ବିସଦୃଶ ପ୍ରୟୋଗ କରାଯାଏ, ଖାଦ୍ୟ ଭୋଜନରେ ଅଜୀର୍ଣ୍ଣ ବୋଧ ହେଲେ ବା ସମ୍ଭାବନା ହେଲେ ଲୋକେ ଅମ୍ଳ କାଗେଜି ଲେମ୍ବୁ ରସ ଲବଣ ମିଶ୍ର ଜଳ ପାନ ବା କେବଳ ଜଳ ପାନ କରିଥାନ୍ତି। ଯଦି ଅମ୍ଳ ହାକୁଟି ଆସୁଥାଏ ତେବେ ଆଣ୍ଟାସିଡ଼, ଯାହା ଏସିଡ଼ର ଭାଙ୍ଗୁଣୀ ତାକୁ ଖାଇଥାନ୍ତି। ଏହି ପ୍ରକ୍ରିୟାରେ ଭାଙ୍ଗୁଣୀ ବିସଦୃଶ ଆଉ ସଦୃଶ ହେଲା ଜଳପାନ ପେଟରେ ଖାଦ୍ୟକୁ ଜଳସହ ମିଶାଇ ଅଧିକ ତରଳ କରି ତଳକୁ ଠେଲିବା କ୍ରିୟା କରାଇବା, ଅନେକ ଫଳ କଞ୍ଚା ଖିଆ ଯାଏ। ଅନେକ ପରିବା ଶାକ କଞ୍ଚା ଖିଆଯାଏ, ଯଥା ଲଙ୍କା, ଟମାଟୋ, ଧନିଆଁ ପତ୍ର, ପୋଦିନା ପତ୍ର, ଭୃସଙ୍ଗ ପତ୍ର, ପିଆଜ, ରସୁଣ, ଅଦା, ଏପିର ଅନେକ। ସଂସାରରେ ଏସିଡ଼ ଅମ୍ଳ ଆଜିକାଲି କ୍ଷୀର ଏପରି ଦ୍ୱିପ୍ରକାର ଦ୍ରବ୍ୟ ରହିଛି, ଏସବୁକୁ ଆନୁପାତିକ ପରିମାଣରେ ମିଶାଇ ବହୁଜିନିଷ, ଖାଦ୍ୟପଦାର୍ଥ ତିଆରି କରାଯାଉଛି।

ଔଷଧ ଗୁଡ଼ିକର ପ୍ରସ୍ତୁତ ଚିଠା ଦେଖିଲେ ଦେଖିବାକୁ ଏମିତି ଅନେକ ଅମ୍ଳ ଓ କ୍ଷୀର ଦ୍ରବ୍ୟର ନାମ ମିଳିଥାଏ, ପାଟିରେ ଲାଳ କ୍ଷାର, ପେଟ ଭିତରେ ଅଛି ହାଇଡ୍ରୋକ୍ଲୋରିକ ଅମ୍ଳ, ଅନେକ କ୍ୟାପସୁଲ ଔଷଧ ପାଟିବାଟେ ଖାଇଲେ ବି ଲାଳରେ ପେଟକୁ ଯାଇ ଅମ୍ଳ ସଂସ୍ପର୍ଶରେ ମିଳି ଖୋଲି କାର୍ଯ୍ୟ କରିଥାଏ। ଏଥିରେ ସଦୃଶ ଓ ବିସଦୃଶକୁ କୌଶଳରେ ମିଶ୍ରଣ କରାଯାଉଛି, ମହାମତି ହାନିମାନ ଯେଉଁ ହୋମିଓପଥିକ ଔଷଧ ପ୍ରଣାଳୀ ବାହାର କରିଛନ୍ତି ଏଥିର ମୂଳ ତତ୍ତ୍ୱ କରିଛନ୍ତି ପ୍ରତି ରୋଗର ଲକ୍ଷଣ ଉପସର୍ଗରୁ ଚିକିତ୍ସାର ଆରମ୍ଭ କରାଯାଏ। ଏମିତି କେତେ ରୋଗ ଅଛି ଯାହାର ଉପସର୍ଗ ସମାନ ଜଣାଯାଏ। ମାତ୍ର ରୋଗ ଭିନ୍ନ ହୋଇପାରେ। ଏହା ସ୍ଥିର କରିବାପାଇଁ ଚିକିତ୍ସକମାନେ ଅନେକ ପ୍ରକାର ପରୀକ୍ଷା ନିରୀକ୍ଷା କରନ୍ତି। ରକ୍ତରେ, ଶର୍କରା ବୃଦ୍ଧି ଅନେକ ରୋଗ ସୃଷ୍ଟି କରିଥାଏ। କେଉଁ ରୋଗର ସମ୍ଭବର ଉପସର୍ଗ ସନ୍ଦେହ ହେଲେ ତତ୍ ବିଶେଷଜ୍ଞଙ୍କୁ ପୁଣି ପରାମର୍ଶ ଲୋଡ଼ା ଯାଏ। ବିଚରା ବୁଦ୍ଧି ଓ ସଂଯମ ମନୁଷ୍ୟକୁ ଭଗବାନ ଦେଇଛନ୍ତି ଯଦି ମନୁଷ୍ୟ ବେପରୁଆ ହୁଏ ତେବେ ତାଙ୍କ ଜୀବନରେ ଅନେକ କଷ୍ଟ ଆସିଯାଏ। ଭଗବାନ କାହାକୁ ଦଣ୍ଡିତ କରନ୍ତି ନାହିଁ। ଆଇନକୁ ସାଧାରଣ ଜନତା ହାତକୁ ନେଲେ ଯେମିତି ରାଜଦଣ୍ଡ ଅନିବାର୍ଯ୍ୟ ସେମିତି ପ୍ରକୃତିର ନିୟମରେ ନଚାଲିଲେ ରୋଗ ଅକାଳ ମୃତ୍ୟୁ ଆସିପାରେ। ଦୟାମୟ ଭଗବାନ ନିୟମ ଭାଙ୍ଗି କଷ୍ଟଭୋଗୁଥିବା ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ପ୍ରକାର 'ଗୁରୁ' ବେଳକୁ ବେଳ ସୃଷ୍ଟି କରୁଛନ୍ତି।

ଏ ମଧ୍ୟରେ ଡାକ୍ତର ଓକିଲ ମଧ ଏକ ଏକ ଗୁରୁ ଯେ ଗୁରୁଜ୍ଞାନ ଦେଇ ଭ୍ରାନ୍ତ ପଥରୁ ଉଚିତ ପଥକୁ ଆଣିଥାନ୍ତି। ହେଲେ ଏଥିରେ ବି ଅନେକ ମାର୍ଗ ବିଳମ୍ବରେ ଅନେକ ମାର୍ଗ ତ୍ୱରିତରେ କରାଯାଏ। ସମୟ ଅନେକ ମନକୁ ମନ ପାଗ ପରିବର୍ତ୍ତନରେ ପରିବେଶ ପାରିବର୍ତ୍ତନରେ, ସମ୍ବିଧାନ ସଂସ୍କାରରେ, ଶାସନ ସଂସ୍କାରରେ, ମୁରବୀ ଆଦେଶକାରୀ, ଦାତା ପରିବର୍ତ୍ତନରେ, ଦ୍ରବ୍ୟ ଅଭାବରେ ଦ୍ରବ୍ୟ ସୁଲଭରେ, ପରିବର୍ତ୍ତନ ହୋଇଥାଏ। ଏହା ଦଇବ କୃତ। ସବୁ ପ୍ରକାର ଚିକିତ୍ସାରେ ସଦୃଶ ବିସଦୃଶ ବିଧାନ ରହିଛି। ଭାଙ୍ଗୁଣୀ ବ୍ୟବସ୍ଥା ଜ୍ଞାନୀମାନେ ଧାର୍ଯ୍ୟ କରିଛନ୍ତି, ପ୍ରତି ଔଷଧରେ ବିଷ ଗୁଣ ଅଛି ମାତ୍ର ଚିକିତ୍ସକଙ୍କ ବିଧାନରେ ପ୍ରୟୋଗ ଦ୍ୱାରା ଏହା ଅମୃତ ରୂପି ହୋଇଥାଏ।

+ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

# ଜନତା ହିଁ ସବୁଠାରୁ ଶକ୍ତିଶାଳୀ



ସୁବ୍ରତ କର

ଜନ ଅସନ୍ତୋଷ ବଢ଼ିବାରୁ ରାଜ୍ୟରେ ସରକାର ବଦଳି ଥିଲା। ଭୁଷୁଡ଼ି ପଡ଼ିଥିଲା ବିଜେଡ଼ିର ଦୀର୍ଘ ୨୪ ବର୍ଷର ଗଡ଼। ଏ କଥାକୁ ଜନତାଙ୍କଠାରୁ ବେଶ୍ ଭଲ ଭାବେ ଜାଣନ୍ତି ରାଜନେତା ମାନେ। କେହି ସନ୍ତୁଷ୍ଟ ନୁହନ୍ତି ବିଧାୟକଙ୍କ ଦରମା ଓ ଭତ୍ତା ତିନିଗୁଣ ବୃଦ୍ଧି ପାଇବାକୁ ନେଇ। ବିଧାନସଭାରେ ଏକ ସ୍ୱରରେ ଏହାକୁ ସମର୍ଥନ କରିଥିବା ସମସ୍ତ ବିଧାୟକ ଏବେ ପଛଘୁଂଚା ଦେବାରେ ଲାଗିଛନ୍ତି। ବିଜେପି ପରେ ବିଜେଡ଼ି ପକ୍ଷରୁ ବର୍ଦ୍ଧିତ ଦରମା ନିଷ୍ପତ୍ତିର ପୁର୍ନବିଚାର କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଥିରେ କିନ୍ତୁ ପ୍ରଥମ ଘଣ୍ଟି ମାରିଛନ୍ତି ବିରୋଧୀ ଦଳର ନେତା ଏବଂ ରୋକଠୋକ୍ ଜଣାଇଦେଇଛନ୍ତି ସେ ମୂଳରୁ ଜଣେଇ ଦେଇଛନ୍ତି ଯେ ବର୍ଦ୍ଧିତ ଦରମା ଏବଂ ଭତ୍ତା ନେବେନାହିଁ। ଏହି ପ୍ରସ୍ତାବକୁ ସାଧାରଣ ଜନତା ଅନାୟସରେ ଗ୍ରହଣ କରି ତାଙ୍କୁ ସାଧୁବାଦ ଜଣାଇଛନ୍ତି ଏବଂ ଏହା ପରେ ପରେ ଜଣକ ପରେ ଜଣାଇବାରେ ଲାଗିଛନ୍ତି ସେମାନେ ସମସ୍ତେ ଏହାକୁ ସ୍ୱାଗତକରି ନିଜେ ମଧ୍ୟ ନନେବାପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ଶାସକ ଦଳର କୌଣସି ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ପାଖରୁ କୌଣସି ଖବର ନାହିଁ। ମୋ ମତରେ ଏହାକୁ ଜାଣିବାପରେ ମୁଖ୍ୟମନ୍ତ୍ରୀ ନିଜେ ଏହି ସୁବିଧାକୁ ଗ୍ରହଣ କରିବେ ନାହିଁ ବୋଲି ସାଧାରଣ ଜନତାଙ୍କୁ ଜଣାଇଥିଲେ ତାଙ୍କର ବହୁତ ଗୁଣରେ ଗରିମା ବଢ଼ି ପାରିଥାଆନ୍ତା। ବାପା ହୋଇ ପୁଅ, ଝିଅଙ୍କର କଥା ଆଗେ ନ ବୁଝି ବାପା କେମିତି ବଡ଼ଲୋକ ହେବେ ଚିନ୍ତା କରିବା ଠିକ୍ ନୁହେଁ। ପୁଅ, ଝିଅ, ଭାଇ, ଭଉଣିଯଦି ଭଲରେ ରହନ୍ତି ତେବେ ଘରର ମୁରବିଙ୍କୁ ଭଲ ଲାଗିବା କଥା। ଏବେ ଏବେ ଗୋଟାଏ ପରେ ଗୋଟାଏ ଅନୁଷ୍ଠାନ ଧାରଣାରେ ବସି ତାଙ୍କର ଦୁଃଖ ସରକାରଙ୍କ ପାଖରେ ଜଣାଇବାପାଇଁ ଚେଷ୍ଟା କରିଛନ୍ତି କିନ୍ତୁ ସରକାର ବାହାଦୂର ଏମାନଙ୍କ କଥାକୁ ଏଢ଼େଇ ଦେଇ ଆଗ ନିଜ କଥାକୁ ଭଲ ଭାବରେ ବୁଝିଲେ ଏବଂ ଏମିତି ଭାବରେ ବୁଝିଲେ ଯେ ଦେଶର ଅନ୍ୟ ସରକାରଙ୍କଠୁ ମଧ୍ୟ ଟପିଗଲେ। ଏହାର ମୂଳ କାରଣ ହେଲା ଏ ନିଷ୍ପତ୍ତି ତାଙ୍କ ହାତରେ ଥିଲା ଏବଂ ଏହି କ୍ଷେତ୍ରରେ ସମସ୍ତେ ମିଳିମିଶି କାମ କରିଲେ, ବାଧା ଦେବାର କେହି ନାହିଁ ଜଗନ୍ନାଥ ବ୍ୟତିରକେ। ଜଗନ୍ନାଥ ବୁଝିଲେ ଏହା ନିଶ୍ଚିତ ଭାବରେ ଅନ୍ୟାୟ ହେଉଛି ଏବଂ କିଛି ବୁଝିବା ଲୋକଙ୍କ ସତ୍‌ବୁଦ୍ଧି ଦେଲେ ଏବଂ ଧିରେ ଧିରେ ଏବେ ଅବସ୍ଥା ସୁଧୁରିବାକୁ ଲାଗିଛି। ଗରିବ ରୋଷେୟା, ଅଙ୍ଗନବାଡ଼ି କର୍ମୀଙ୍କୁ ଆରମ୍ଭ କରି ଡାକ୍ତରଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜରାସ୍ତାରେ ଶୀତ କାକରରେ ପଡ଼ି ରହି ମଧ୍ୟ କିଛି ସୁଫଳ ସରକାରଙ୍କଠାରୁ ପାଇ ପାରିଲେନି କିଛି ଆଶ୍ୱାସନା ନେଇ ଘରକୁ ଫେରିଲେ। କିନ୍ତୁ କ୍ଷମତାରେ ବାବୁମାନେ ଶୀତ ତାପ ନିୟନ୍ତ୍ରିତ କଠୋରୀରେ ବସି ସମସ୍ତେ ଏକଜୁଟ ହୋଇ ପ୍ରସ୍ତାବ ଉପରେ ମୋହର ମାରିବାକୁ ପଛାଇ ନଥିଲେ। ସେମାନେ ଜାଣିନଥିଲେ ଯେ ଆମ ଉପରେ ମଧ୍ୟ କେହି ଅଛନ୍ତି, ସେ ନିଶ୍ଚୟ ଏହି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ଏବଂ ଘଟଣା ମଧ୍ୟ ଘଟିଲା। ଜନତା ଜନାର୍ଦ୍ଦନ ଏବଂ ଜଗନ୍ନାଥ ଦୁଇଜଣ ଲାଗିପଡ଼ି ଏମାନଙ୍କର ଚେତାକୁ ଫେରାଇ ଆଣିଲେ।

## କବିତା କୋଣାର୍କ

## କ୍ୟାଲେଣ୍ଡର ବଦଳେ ବର୍ଷ ବି ବଦଳେ

### ଧ୍ରୁବ ଚରଣ ଘିବେଲା

ବଦଳିବା ଏକ ପ୍ରକ୍ରିୟା
ଏକ ପ୍ରବାହମାନ ଧାରା
ଏ ଧାରା ସହ ଆମେ
ଅଭ୍ୟସ୍ତ ପିଲାଦିନୁ
ଜନ୍ମପରଠୁ ଶରୀର ବଦଳେ
ବଦଳିଚାଲେ ଦେହର ଆକାର ।
ବୟସ ବଢ଼େ
ଛୋଟରୁ ବଡ଼ ହୁଅନ୍ତି ସଭିଏଁ
ଦେହ ବଢ଼େ
ଆକାର ବଢ଼େ
ବୟସ ପୁଣି
ହଜେ ଦେହମଶାଣିରେ
ଶୈଶବ ହଜେ କିଶୋର
ଅବସ୍ଥାରେ ପହଞ୍ଚିଲେ
କିଶୋର ହଜିଯାଏ ତାରୁଣ୍ୟତାରେ
ହଜେ ସେମିତି ଯୌବନ ବାର୍ଦ୍ଧକ୍ୟ
ସମୟ ସୁଅରେ
ବୟସ ବଢ଼ିଚାଲେ
ବର୍ଷ ବଦଳ ଭିତରେ ।
ଏ ବର୍ଷ ବଦଳିବା କଥା
ଆମେ ଜାଣିଲୁ ଆମ
ବୁଦ୍ଧି ଜ୍ଞାନ ଉଦୟ ହେଲା ପରେ
ଜାନୁଆରୀରୁ ନୂଆବର୍ଷ
ଆରମ୍ଭ ହୋଇ
ଡିସେମ୍ବରକୁ ସରେ ।
କାନ୍ଥ ଦେହରେ ଲଟକା
ହୋଇଥିବା ପୁରୁଣା
କ୍ୟାଲେଣ୍ଡର ବଦଳେ
ନୂଆ ବର୍ଷ ଆସିଲେ
ପୁରୁଣା ସ୍ଥାନରେ ନୂଆ ମୁହଁ ଦିଶେ
ଅତଏବ ଏମିତି
କ୍ୟାଲେଣ୍ଡର ବଦଳେ
ବର୍ଷ ବି ବଦଳେ
ଆଉ ନୂଆବର୍ଷ ଆସେ
ନୂଆ କ୍ୟାଲେଣ୍ଡର ଆକାରେ
ନୂଆ କ୍ୟାଲେଣ୍ଡର ରୂପରେ ।
ସ୍ୱାଗତଂ ନୂଆବର୍ଷ
ନୂଆବର୍ଷ ଛବିଶି
ସୁସ୍ୱାଗତମ ।

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ମୁଁ ଯାହା ଜାଣିଛି

### ନିରଞ୍ଜନ ସାହୁ

ମୁଁ ଜାଣିଛି ମୋର କବିତା ଗୋଟିଏ
ପାଠ୍ୟକ୍ରମେ କେବେ ହେବନି ଗଢ଼ା
ମୁଁ ଜାଣିଛି ମୁହିଁ ମରିଗଲା ପରେ
ସମାଧି ଗୋଟିଏ ହେବନି ଗଢ଼ା ।

ବଞ୍ଚିଥିଲା ବେଳେ ଯାହାର ଆଦର
କେଉଁଠାରେ କାହିଁ ମିଳଇ ନାହିଁ
ସେହିଠାରେ ସିଏ ଆଶା କରୁକରୁ
ପ୍ରଶ୍ନବାଚୀଟିଏ ରହଇ ଚାହିଁ
କବିମାନଙ୍କର ଭିଡ଼ ଭିତରେ ମୁଁ
ସତେଜ ଥାଇ ବି ନିହାତି ସଢ଼ା ।

ଆଜିକାଲି ଏହି ଧରାଧରି ଯୁଗେ
ମୁହିଁ ପାରିବିନି ସେ କାମ କରି
କାହାରି ପଛରେ ଧାଇଁ ପାରିବିନି
ଖୋସାମତିଆର ଉପାୟ ଧରି
ସମୟ ଏମିତି ହୋଇଯାଇଛି ଯେ
ଆଗେଇବ ଯଦି ପାଦକୁ ବଢ଼ା ।

ଯେତିକି ପାରିବି ସେତିକି ଲେଖିବି
ପ୍ରଚାର ପ୍ରସାର ଦୂରରେ ରହି
ନିଜର ପ୍ରଂଶସା ନିଜେ ବାଢିବିନି
ଆପଣା ମୁହଁରେ ବଡାଇ କରି
ଦରକାର ନାହିଁ ମାନ ସମ୍ବର୍ଦ୍ଧନା
ଲୋଡ଼ାନାହିଁ ହାତୀ କି ଘୋଡା ଚଢା ।

ତଥାପି ନିଜକୁ ବୁଝାଇ ଦେଇକି
ସାରଦାଙ୍କ ପାଦ ପାରିଛି ସେବି
ଯେତିକି ତାଙ୍କର କରୁଣା ମିଳିବ
ସେମିତିଆ ଗୋଟେ କବି ମୁଁ ହେବି
ନିନ୍ଦୁକେ କହନ୍ତି, ' ତୁ ଯଦି କାତୁଆ
ପ୍ରତିଯୋଗିତାରେ ନିଜକୁ ଲଢା । '

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

# କବିତାମାଳା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୩ ଡିସେମ୍ବର ୨୦୨୫, ମଙ୍ଗଳବାର



## ଅଛି ଜହ୍ନରାତି ଫେରିଆସ ସାଥୀ

### ପ୍ରଶାନ୍ତ କୁମାର ଦାଶ

ଜହ୍ନରାତି ତୋଳେ ମନ ଆକାଶରେ
ପ୍ରୀତି ପ୍ରଣୟର ମୋହ
ଅବୁଝା ପଣରେ ଆଖି ଢାଳୁଥାଏ
ପ୍ରେମ ଅନୁରାଗ ଲୁହ ।।

ସ୍ମୃତିତୀର୍ଥ ସାଜି ମମତା ଏଡାଇ
ତୁମେ ରୁହ ବହୁଦୂରେ
ମିଠା ଅନୁରାଗ ଭରା ଗୀତ ଗାଏ
ଏକା ମୁଁ କରୁଣ ସୁରେ ।।

ତୁମ ନୀରବତା ଭାଙ୍ଗିଦିଏ ମୋର
ସାଇତା ସରାଗ ଯେତେ
ସାଗର ବାଲିରେ ଗଢି ଭାଙ୍ଗୁଥାଏ
ସ୍ୱପ୍ନ ବାଲିଘର କେତେ ।।

ଜୀବନ ଯମୁନା ଉଚ୍ଛୁଳି ପାଲଟେ
ବିଚ୍ଛେଦ ଦୁଃଖର ଗାର
ଲୁଚି ଲୁଚି ଢାଳେ ତୁମପାଇଁ ପ୍ରିୟା
ଲୁହର ଶ୍ରାବଣ ଧାର ।।

ଛାଇ ଆଲୁଅର ଆନନ୍ଦ ଖେଳରେ
ଖୋଜି ଖୋଜି ପଡେ ଥକି
ମିଳନ ମୋହକୁ ଏଡାଇ ଦିଅନା
ହୃଦୟ ତଟର ସଖୀ ।।

ଅଛି ଜହ୍ନରାତି ଫେରିଆସ ସାଥୀ
ଗୋପନ କୁଞ୍ଜକୁ ଥରେ
ଜୀବନର ଗପ ସତ ହେଇଯାଉ
ଦୁହିଁଙ୍କର ମିଳନରେ ।।

♥ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦



## ଅନ୍ଧକାରେ ସେ ଜ୍ୟୋତି

### ଆଦ୍ୟାଶା ମହାପାତ୍ର

ଖରା ବର୍ଷା କିବା ଶୀତ ଆସି ଫେରୁ
ବୋଉ ଥାଏ ନିର୍ବିକାର
ବୋଉ ପରା ମୋର ମାନବ ଦେହରେ
ସାକ୍ଷାତ ଏକ ଈଶ୍ୱର ।।

ସରେ ନାହିଁ ବୋଉପଣିଆ ତାହାର
ଆୟୁଷ ପଛକେ ସରୁ
ସନ୍ତାନ ଅଭୀଷ୍ଟ ଫଳ ଯାଚିଦିଏ
ବୋଉ ସତେ କଳ୍ପତରୁ ।।

ବୋଉ ହାତରୁ କି ପାଇଟି ସରଇ
ଥରିବା ଯାଏଁ ତା ହାତ
ବିପଦ ଆସିଲେ ବୋଉ କି ହଟଇ
ଧୈର୍ଯ୍ୟ ତା'ର ଅପର୍ଯ୍ୟାପ୍ତ ।।

ଶ୍ରଦ୍ଧା ଅନୁରାଗ ବର୍ଣ୍ଣମାଳାରେ
ବୋଉ ଗୋଟେ ଶବ୍ଦକୋଷ
ସହିବା ଶକ୍ତିର ଡେଣା ନେଇ ଯିଏ
ଉଡିପାରେ ସାତ କୋଷ ।।

ଫୁଙ୍ଗୁଳା ପାଦ ତା ପାଏ ନା ବିଶ୍ରାମ
ଛୋଟ ପଛେ ଗୃହାଙ୍ଗନ
ଥକି ପଡେ ନାହିଁ ଘରକରଣାରେ
ଧନ୍ୟ ବୋଉର ଜୀବନ ।।

ଚଉତେଇ ଦିଏ ଅଳସକୁ ବୋଉ
ରାତି ବିଛଣାରେ ତା'ର
ଆବାହନ କରି ସକାଳକୁ ପୁଣି
ଗଢଇ ଖୁସି ସଂସାର ।।

ହୃଦୟେ ମୋହର ସଦେବ ଝଙ୍କୃତ
ତା'ର ମମତାର ଗୀତି
ସେ ପରା ଅସୀମ ସ୍ନେହ ସିନ୍ଧୁ ଟିଏ
ଅନ୍ଧକାରେ ସେ ଜ୍ୟୋତି ।।

♥ ନୂଆପଡା, କଟକ



## ଅଟଳ ନିନାଦ

### ସୁଜିତ କୁମାର ମିଶ୍ର

ତୁମେ ଏ ଜାତିର ଅଟଳ ନିନାଦ ତନ୍ମୟ ତଲ୍ଲୀନ ସ୍ୱର,
ଉଲ୍ଲାସ ହୃଦର ସୁନେଲୀ କିରଣ ଉଦୟରାଗର ଝର ।
ବିମୁଗ୍ଧ ମୈତ୍ରୀର ବାସନ୍ତିକ ମୋହ ବିମଣ୍ଡିତ ଶୋଭାରାଜି,
ଭିନ୍ନ ଭିନ୍ନ ଛାତି ଦରଜାରେ ତୁମେ ମନ୍ତ୍ରଗୀତି ଭିଜିଭିଜି ।

ଯୁଗ ପୁସ୍ତିକାର ରଙ୍ଗ ଇତିହାସେ ଜଳୁଥିବା ପ୍ରେମଦୀପ,
ଆକାଶ ଲୁହର ଅନୁରାଗ ତୁମେ ଅବିଶ୍ରାନ୍ତ ମୁକ୍ତିତପ।
ଦ୍ରୋହ ଦରଦର ଭାବ ଗନ୍ତାଘର ଦୁଇ ନଈକୂଳ ଧାର,
ମାଟି ସପନର କୁଟିକମ ତୁମେ ମୁଖରିତ ମୂର୍ତ୍ତିକାର।

ଦିଲ୍ଲୀରୁ ଲାହୋର ଗଡି ଚାଲୁଥିବା ତୁମେ ପ୍ରୀତି ରେଳଗାଡ଼ି,
ସ୍ୱାଭିମାନ ଜ୍ୟୋତି ଅନ୍ତର ମନର ଶ୍ରଦ୍ଧାର ପୁଲକ ସିଡି ।

ରାଷ୍ଟ୍ରହୀତେ ତୁମ ସୃଜନ ସ୍ୱାକ୍ଷର ରସ ବୋଳା ଉପହାର,
ରାଜନୀତି ତୁମ ରମ୍ୟ ତପୋବନ ଅସୀମ ପୁରୁଷାକାର।

ତୁମେ ସ୍ମରଣର ଶାଶ୍ୱତ ଆଲୋକ ଅସରନ୍ତି ତୂର୍ଯ୍ୟନାଦ,
ତୁମ ଅଣୁ ଅଣୁ ଆଚରଣ ନିତି ତଟିନୀର ମିଠାଛନ୍ଦ ।

♥ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଏତେ ସହଜ ନୁହେଁ

### ନିରଞ୍ଜନ ପ୍ରସାଦ ବାରିକ

ମୁଁ ତ୍ୟାଗୀ କହିବାସତ, ମାତ୍ର ତ୍ୟାଗ କରିବା
ସହଜ ନୁହଁ,
ପ୍ରଭୂ ଯୀଶୁ ନିଜକୁ ହସି ହସି
କ୍ରୋଶ ବିଦ୍ଧ କରିଥଲେ,
ସେ ଦର୍ଶାଇ ଦେଇ ଥିଲେ, ସ୍ନେହ, ପ୍ରେମ,
କରୁଣା ବିନା ଜୀବନ ନିରର୍ଥକ,
ମରିବାରେ ଅଛି ବିରତ୍ୱ, ନାହିଁ କହିବାରେ,
ସହିବାରେ ଅଛି ସହିଶୁତା, ନାହିଁ କହିବାରେ।
ନ୍ୟାୟ ଆଦର୍ଶ ପଥରେ ଗଲେ ମୃତ୍ୟୁ
ଅବସମ୍ଭାବୀ, ହେଲେ ସେଥିରେ
କାଳଜୟୀ ହୁଏ ମଣିଷ,
ଅହଙ୍କାର ସର୍ବନାଶ କରେ ମଣିଷକୁ
ଗର୍ବ ଓ ଅହଙ୍କାର ବଡିମାପଣରେ ଖାଲି
ବିନାଶ ହୁଏ ସିନା
ବିକାଶ ହୁଏନି କେବେ କେଉଁ କାଳେ
ଯେଉଁ ମାନେ ଯୀଶୁଙ୍କୁ କ୍ରୁଶ ବିଦ୍ଧ କଲେ,
ସେମାନଙ୍କୁ କ୍ଷମା କରିଦେବାକୁ ଯୀଶୁ କରିଥଲେ
ଆକୁଳ ନିବେଦନ,
ପ୍ରଭୂ କ୍ଷମା କରିଦିଅ ଏମାନଙ୍କୁ
ଅବଶ୍ୟ, କଣ କରୁଛନ୍ତି ଏମାନେ
ଅବଶ୍ୟ ଜାଣି ନାହାନ୍ତି କି ବୁଝି ନାହାନ୍ତି ଏମାନେ
ନିଷ୍ପାପ ମଣିଷ
ସେହି ମହାନୁଭବ ପାଇଁ ସେ ଆଜି
ମାନବରୁ ମହାମାନବ ଦେବତାବନିଗଲେ, ସବୁ
ଦୁଃଖସହି, ଯାତନା ଭୋଗକରି କ୍ରୋଷ ବିଦ୍ଧ
କରାଗଲା, ଆଉ ତାଙ୍କ ଜନ୍ମ ଦିନକୁ
ପାଳନ ବି କରାଗଲା,
ହେ ଅହଙ୍କାରୀ ମଣିଷ ମାନେ
ତୁମେ ବୁଝିଯାଅ,
ତ୍ୟାଗରେ ମିଳେ ସ୍ୱର୍ଗପ୍ରାପ୍ତି
ଠିକ୍ ଯୀଶୁଙ୍କ ପରି,
ମାତ୍ର ଅଂହଙ୍କାରରେ ନୁହେଁ।

♥ ସମ୍ପାଦକ
ରୁପାଥାଳିଆ, ଚିଙ୍ଗିଡା,
ଓଉପଦା, ବାଲେଶ୍ୱର।



## ସ୍ମୃତି ତୁମେ ଯେବେ ଆସ

### ନୂତନ କୁମାର ବେହେରା

ସ୍ମୃତି ତୁମେ ଯେବେ ଆସ
ଫଗୁଣର ଫୁଲେ ଫୁଲେ ମହକ ବିଞ୍ଚି
ଫେରିଯାଏ ମୁଁ ବିଗତ ଦିନର ସେ ଅତୀତକୁ
ସେଇ ରାସ୍ତା ସାଇକେଲ୍ ଘଣ୍ଟିର ଶବ୍ଦ
ନୂଆ ଚପଲ ପିନ୍ଧି ପାଦ ପକାଇବାର କୌଶଳ
ସବୁ ମନେ ପଡ଼େ ଏକ ପରେ ଏକ
ତୁମର ସେଇ ପଦୁଅଁ ଫୁଟା ମୁହଁର ହସ
ଭରି ଦେଉଥିଲା ନିଆରା ଉତ୍ସାହ
ପାଖକୁ ପାଖ ବେଞ୍ଚରେ ବସି ଦୀର୍ଘ ସମୟ
ହେଉଥିଲୁ କେତେ ଅନ୍ୟ ମନସ୍କ
ପାଠରୁ ମନକୁ ଅଲଗା କରି ଦେଖୁଥିଲୁ
ବଗିଚାରେ ଉଡୁଥିବା କଙ୍କି ଓ ପ୍ରଜାପତିମାନଙ୍କୁ
ଭାବୁଥିଲୁ ସେମିତି ହୋଇ ଯା'ନ୍ତୁ କି...
ସ୍ମୃତି ତୁମେ ଯେବେ ଆସ
ନିଦାଘର ନିଆଁ ଦାଉ ଦାଉ ଜଳିଲା ବେଳେ
ସିଝିଯାଏ ଦେହ ମନ ଝାଞ୍ଜିର ତାତିରେ
ଜୀବନର ଜ୍ୱଳନ ହୁଏ ପୁନରାବୃତ୍ତି
ବୁଝିବା କଥା ବି ହୋଇଯାଏ ଅସହ୍ୟ ବୋଧ
ବିଚ୍ଛେଦର ବିରକ୍ତି ସାଜେ ଖଣ୍ଡିଆଭୂତ
ପାଇବାର ଆଶା ସଂକୁଚିତ ହୁଏ କଇଁଚ ଭଳି
ଠେକୁଆକୁ ଜିତିବାରେ ଆସେନାହିଁ ସେ ଆନନ୍ଦ
ଶୃଙ୍ଖଳା ପତ୍ର ପରି ଭାବନା ହୁଏ ଇତସ୍ତତଃ
ନ ଚାହୁଁଥିବା ସ୍ୱପ୍ନ ଆସି ଭାଙ୍ଗିଦିଏ ନିଦ
ନିଜକୁ ନ ଚିହ୍ନି ତୁମକୁ ଚିହ୍ନିବାର ଅପଚେଷ୍ଟା
ଭରସା ତୁଟାଇ କରି ରଖେ ଉଦାସ
ଆସେନା ଆତ୍ମପ୍ରତ୍ୟୟ ଶିଥିଳ ହୁଏ ଶକ୍ତି
ସ୍ମୃତି ତୁମେ ଆସ ଯେବେ
ପୌଷର ପ୍ରାଧାନ୍ୟରେ ଶୀତର
ପ୍ରକୋପ ନେଇ
ମାଘର ମେଘରେ ବି କର ତୁଷାର ପାତ
ଚେତନକୁ କରିଦିଅ ଜଡ଼ ବରଫ ଖଣ୍ଡ
ଗରମ ଚା'ର ଧୂଆଁ ଧୂଆଁ ହୁଏ ନିଃଶ୍ୱାସ ପ୍ରଶ୍ୱାସ
ପୋଷାକର ଖୋଳରେ ଜୀଏଁ ଜୀବନ
ତୁମ ସହିତ ସଂପର୍କର ବନ୍ଧନ
କୁହୁଡ଼ିଆ ଖରା ପରି ଲାଗେ ନିସ୍ତେଜ
ଆଶାମାନଙ୍କର ପାଟିରୁ ଫୁଟେ ନାହିଁ ଭାଷା
ତୁମେ ଦେଇଥିବା ପ୍ରତାରଣା ଦିଏ
ଖାଲି ଯନ୍ତ୍ରଣା
ତୁମର କି ମୋର ଭୁଲ୍ ସୁଧାରିବାକୁ
ସମୟ ଆଉ ନ ଥାଏ କାହାରି ପାଖରେ
ପ୍ରାୟଶ୍ଚିତ ପାଇଁ କରୁ ଆତ୍ମସମୀକ୍ଷା
ସ୍ମୃତି ତୁମେ ଯେବେ ଆସ
ଆଷାଢ଼ ଶ୍ରାବଣର ତୁହାକୁ ତୁହା ବର୍ଷା ନେଇ
ମନର ମୃତ୍ତିକା ବତୁରି ଯାଇ ହୁଏ କୋମଳ
ଦୁର୍ଭାବନାର ଅଳିଆ ଆବର୍ଜ୍ଜନା ସବୁ
ଧୋଇ ନେଇ ଯାଅ କେଉଁ ମଇଳା ଗଦାକୁ
ତିକ୍ତ ରିକ୍ତ ମନକୁ କର ଆଶାରେ ସିକ୍ତ
ସମ୍ଭାବନାର ବୀଜ ହୁଏ ଅଙ୍କୁରିତ
ଦୁଃଖ ବିଷାଦ ଅପସରି ଯାଏ କ୍ରମଶଃ
ପଲ୍ଲବିତ ହୁଏ ସୁଖର ଫସଲ ପୁନଶ୍ଚ ପୁନଶ୍ଚ
ଅମଳ କରିବାକୁ ଦିଅ ଉତ୍ସାହ ପ୍ରେରଣା
ଜୀବନ୍ତ କରି ରଖ ଆଶାର ସଞ୍ଜୀବନୀ ମନ୍ତ୍ରେ
ଜୀବନ ଜୀବିକାର ଫିଟାଅ ନୂଆ ରାହା
ନିଜକୁ ସୁଧାରି ନେବାକୁ ଆଣିଦିଅ ସୁଯୋଗ
ସ୍ମୃତି ତୁମେ ଯେବେ ଆସ ......।

♥ କୋହି, ବାରିପଦା, ମୟୂରଭଞ୍ଜ



## ଆଉ କେତେ କାଳ..

### ସୁବ୍ରତ ମଲିକ

ଆଉ କେତେ କାଳ ସୁପ୍ତ ଅବସ୍ଥାରେ
ନିଜକୁ ରଖିବୁ ହିନ୍ଦୁ,
ଶିରା ପ୍ରଶିରାରେ ବହୁନି କି ଆଉ
ତପତ ରକତ ବିନ୍ଦୁ ।।

ଜାତି ଆଧାରରେ ନିଜକୁ ତୁ ବାଣ୍ଟି
ପାଉଛୁ କି ଅବା ଖୁସି,
ତୋତେ ଭାଗ ଭାଗ ହୋଇଥିବା ଦେଖି
ବିଧର୍ମୀ ହସୁଛି ଲୁଚି ।।

ସାଗର ଏପାରି ସାଗର ସେପାରି
ବିଶ୍ୱର ପ୍ରତିଟି କୋଣ,
ସନାତନୀ ପାଏ କଷଣ ଆଘାତ
କେବେ ତ ହରାଏ ପ୍ରାଣ ।।

ଧର୍ମ ଦେଖି ତୋ'ର ଗୁଳି ମରାଯାଏ
ପହଲଗାମ ଯେ ସାକ୍ଷୀ,
କାଶ୍ମୀର ପଣ୍ଡିତ ହେଲେ ବିତାଡିତ
ପଥର କରିକି ଛାତି।.

ଥରୁଟିଏ ଖାଲି ଆଖି ଖୋଲି ଦେଖ
କାନ୍ଦୁଚି ଭାରତ ମାଆ,
ମାଆ ଆଖି ଲୁହ ପୋଛି ଯେ ପାରେନି
ସିଏ କେମିତିକା ଛୁଆ !

କେବେ ତୁ ଚେତିବୁ ନିଜେ ତୁ ବୁଝିବୁ
ସମୟ ରହିଛି ଚାହିଁ,
ଅବୁଝା ହେବାକୁ ତୁନି ରହିବାକୁ
ବେଳ କାଳ ଜମା ନାହିଁ।

ଅତୀତ ଗୌରବ ଭୁଲିଣ ଯାଇକି
ସାଜିଛୁ କିପରି ମୂକ,
ବୀର ଆର୍ଯ୍ୟବର୍ତ୍ତ ଦାୟାଦ ହୋଇବି
ଛାତିରେ ଭରିଛୁ ଶୋକ ।।

ଭେଦଭାବ ଭୁଲି ସ୍ୱାର୍ଥକୁ ଆଡ଼େଇ
ଶୁଣ ଏକତାର ଡାକ,
ଧର୍ମୋ ରକ୍ଷତି ରକ୍ଷତଃ ନୀତିରେ
ଅନ୍ୟାୟ ପଥକୁ ରୋକ ।।

ଜାଗି ଉଠ ଆଜି ହେ ଋଷି ସନ୍ତାନ
ଲିଭାଇ ଆଲୋକ ଭୀତି,
ବିଶ୍ୱ ଦେଖୁ ତୋ'ର ବିଶାଳ ହୃଦୟ
ଜାତି ଧର୍ମ ସ୍ନେହ ପ୍ରୀତି ।।

♥ ଅସୁରାଳି, ଧାମନଗର, ଭଦ୍ରକ
ମୋ: ୭୦୦୮୩୧୫୯୧୬



## ଆଖିଏ ସ୍ୱପ୍ନ

### ଡଃ ମାଙ୍ଗଳିକା ମହାପାତ୍ର

ଆଖିରେ ଆଖିଏ ସ୍ୱପ୍ନ ନେଇ
ରହିଛି ତୁମ ବାଟ ଚାହିଁ
ନିଦ ଆସିବାକୁ ଅପେକ୍ଷା ଯେ
ହେଲେ ଶୋଇବାକୁ ରାତି ନାହିଁ...

ତୁମ ପ୍ରୀତିର ଗଭୀରତାକୁ
ମାପି ତ ପାରେନି
ସ୍ମୃତି ହୋଇ ରହିଯିବ ତୁମ ପ୍ରୀତି
ହେଲେ କହିବା ଜାଣେନି
ତୁମ ଭାବନାରେ ବୁଡ଼ିଯାଇ
ହୁଏ ସଦା ଆନମନା
କେମିତି ଦଗାଦିଆ କୁହ ଗୋ
ଏ କି ତୁମ ଛଳନା...

ମନ କଥା ମନେ କେତେ ମୁଁ ରଖିବି
ଭାବିଲି ଚିଠି ତୁମକୁ ଲେଖିବି
ଖୋଜୁ ଖୋଜୁ ଲେଖା କାଗଜକୁ
ପଢ଼ିନେଲ ତୁମେ ମୋ ଆଖିର ଭାଷାକୁ...

♥ ରେଭେନସା ବିଶ୍ୱବିଦ୍ୟାଳୟ
କଟକ



## ଫେରିଆ ଫେରିଆ ବୈରାଗୀ ଭଅଁର

### ହରିଶ୍ଚନ୍ଦ୍ର ବେହେରା

ଫେରିଆ ଫେରିଆ ବୈରାଗୀ ଭଅଁର
ବୈରାଗ୍ୟ ସାଜେନା ତୋତେ
ଫୁଲର ଓଠକୁ ଚୁମା ଦେଇ ଦେଇ
ମଧୁ ପିଉଥାଉ ଯେତେ ।।
ଫୁଲ ସଙ୍ଗ ଛାଡ଼ି ବଂଚିବୁ କିପରି
ମରିବୁ ଅବା କିପରି
ଗୁଣୁ ଗୁଣୁ ଗୀତ ଶୁଣି ତୋ ପ୍ରେମରେ
ପଡ଼ଇ ଫୁଲ କୁମାରୀ
ପଦ୍ମ କୋରକରେ ବନ୍ଦୀ ହୋଇ କେବେ
ସାରା ରାତି ତୋର ବିତେ ।।
ପାଦର ପରାଗ ମହ ମହ ବାସେ
ହସେ ଫୁଲର ସଂସାର
କଳଙ୍କିନୀ କେବେ ହୁଏ ନାହିଁ ଫୁଲ
ରଙ୍ଗ ମାଖେ ଯେତେବାର
ନାନା ଅଳଙ୍କାର ପିନ୍ଧେ ମୋ କବିତା
କବିର ଯେ ଦୁଃଖ କେତେ !!
ଗହ ଗହ ଶୁଭେ ଫୁଲ ବିପଣିରେ
ଭଅଁର କରୁଛି ମୂଲ
ପରାଗ ପସରା ମୁଣ୍ଡେ ମହୁମାଛି
ଲାଗି ଅଛି ଭା'ରି ଗୋଳ
କୁସୁମ ସୁନ୍ଦରୀ ମଧୁ ଭଣ୍ଡାରରୁ
ଲୁଟିନିଏ ଯିଏ ଯେତେ ।।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮



## ନିଦ୍ରା

### ଡ. ଭରତ ଚନ୍ଦ୍ର ଦାଶ

ତୁ କେମିତି କେତେବେଳେ
ଆସୁ, ମୁଁ ଜାଣିବି କେମିତି
ଜାଣିଥିବ ଆଖି
ଜାଣିଥିବ ଶେଯ ।
ମୋଦିଯାଇଥିବା ଆଖି
ନିଃସ୍ତେଜ ନିଷ୍ପ୍ରାଣ ହୋଇଯାଇଥିବା
ଶରୀରକୁ ସେ ଆପଣାଇ ନେଇଥିବ।
ପୀଡାର ପୀଡନ ଏତେ ଅସହ୍ୟ ଯେ
ଆଖିର ନିୟମିତ ନିଦ୍ରା ହଜିଯାଇଛି ଯେମିତି,
ସେ ରୋଷରେ ଅବା ଅଭିମାନରେ
ମୋତେ ଆପଣାଇବାର କଳା ଭୁଲିଗଲାଣି
ବିଛଣାରେ ପଡିଲେ ପ୍ରେମିକା ପରି
କୋଳେଇ ନେଉଥିଲା ମୋତେ
ଆଖି, ଓଠ ଛାତି ଓ ନାଭିରେ ମଧୁର
ଚୁମ୍ବନ ଦେଇ ନାନାବାୟା ଗୀତ ଗାଇବା
ପୂର୍ବରୁ ମୁଁ ଗଭୀର ନିଦ୍ରାରେ ଶୋଇପଡୁଥିଲି,
ହାଏ, କୁଆଡେ ଗଲା ସେ ଦିବ୍ୟ ମୁହୂର୍ତ୍ତ ।
ଦୁର୍ଘଟଣା
ଶରୀରକୁ ଏମିତି କବଳିତ କରେ
ମନ, ପ୍ରାଣ,ଚିନ୍ତା ଓ ଚେତନାକୁ
ଜାବୁଡି ଧରେ, ମୁଁ ପ୍ରଥମେ ଜାଣିଲି
ଯନ୍ତ୍ରଣାଦଗ୍ଧ ଶରୀର
ଆଖିରୁ ନିଦ ଚୋରାଇନିଏ।
ଭାବ ଓ ଆବେଗ ଦୁଃଖରେ
ଆଉଟୁପାଉଟୁ ହୁଅନ୍ତି
ସୁସ୍ଥ ମାନସିକତା ଅସୁସ୍ଥ ହୋଇପଡେ
ଦୁଃଖେ ହିଁ କେବଳ ରାଜତ୍ୱ ଜାହିର କରେ
ଲୁହ ତାର ସହଚର ହୋଇ ଅବିରତ ବହେ।
ଜିହ୍ୱା ରସ ସ୍ୱାଦ ହୀନ ହୋଇଯାଏ
ଶୁଖିଯାଏ ତଣ୍ଟି ଯେମିତି
ତୃଷାର୍ତ୍ତ ରହିଛି ଅନେକ କାଳୁ ।
ଏମିତି କାହିଁକି ହୁଏ
କେମିତି ହୁଏ
କିଏ କରାଏ ଏ ପ୍ରକ୍ରିୟା
ଯାହା ମୋ ପାଇଁ ଅସମାହିତ ପ୍ରଶ୍ନ,
ବୋଧହୁଏ
ସମୟ ହିଁ ଲେଖିଚାଲେ
ମଣିଷର ଭାଗ୍ୟ।

♥ ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର - ୭୫୬ ୧୨୬
(ଅଶ୍ୱିନୀ ହସପିଟାଲର ଟ୍ରମା କେନ୍ଦ୍ରର
ଶଯ୍ୟା ୩୨୪ ରୁ ଏହା ରଚିତ)



## ଜୀବନ

### ସଦାଶିବ ବିଶ୍ୱାଳ

ଯେଉଁ ଶକ୍ତି ଜୀବନକୁ କରେ କ୍ରିୟାଶୀଳ
ସେ ଶକ୍ତି ହିଁ ଜୀବନ
ପ୍ରାଣୀଠାରେ ପ୍ରାଣ ସଂଚାର କରି
ନିଏ ଅନ୍ୟ ଏକ ନାମ, ପ୍ରାଣ

ଏ ଜୀବନ ସତ୍ତା ଆଧ୍ୟାତ୍ମିକ ଭାଷାରେ
ଆତ୍ମା ରୂପେ ଅଭିହିତ
ଜୀବ ଶରୀରକୁ ଜୀବନ୍ତ ରଖେ
ପ୍ରାଣ ବିନା ପ୍ରାଣୀ ମୃତ

ଆତ୍ମା ଏକ ସୁକ୍ଷ୍ମ ଚେତନ ସତ୍ତା
ପ୍ରଭାବେ ଶରୀର ଚଳ ଚଞ୍ଚଳ ହୁଏ
ଯାହାର ଅଭାବେ ଶରୀର
ଜଡ଼ ବା ଶବ ପାଲଟିଯାଏ

ଜନ୍ମ, ଜୀବନ, ମୃତ୍ୟୁ
ତିନି ବିନ୍ଦୁ ସମୟ ଚକ୍ରର
ଜନ୍ମ ସତ୍ୟ, ମୃତ୍ୟୁ ଅଧିକ ଅବଧାରିତ ସତ୍ୟ
ଜୀବନ, ବ୍ୟବଧାନ ଜନ୍ମରୁ ମୃତ୍ୟୁ ଅବଧିର

କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର



## ସୂର୍ଯ୍ୟାସ୍ତର ଦୁଇ କବିତା...

### ପ୍ରଶ୍ନ କୁମାର ଶତପଥୀ

॥ ଯେଉଁଠି ରବି ଶୋଇଯାନ୍ତି ॥
ସୂର୍ଯ୍ୟାସ୍ତ କାଳ ଦେଖୁ ଦେଖୁ,
ତା' ପରେ
ଭାବ ଜଗତରେ
ବୁଡ଼ିଯାଏ ମୁଁ କିଛି କ୍ଷଣକ ପାଇଁ,
ନିରବତାର ଦୂର ଅସ୍ତାଚଳେ
ଯେଉଁଠି ରବି ଶୋଇଯାନ୍ତି ରାତିକ ପାଇଁ,
ସେଇ ଇଲାକାରୁ ପ୍ରତ୍ୟକ୍ଷ ଭାବେ,
ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟାସ୍ତ ପରେ
ରଙ୍ଗମୟ ବାଦଲର ରୂପ ଦର୍ଶନରେ,
ଚୁନାଚୁନା ବଉଦ ସମାହାରରେ
ରଙ୍ଗ ଛବିର ଅକୁହା ସ୍ୱର
ଭାବପୂର୍ଣ୍ଣତାରେ
ଶବ୍ଦ ଯେବେ ମନ କାଗଜରେ
କୁଢ଼େଇ ହୋଇଯାଏ
ସତରେ ମୁଁ ଭାବରୁ
ବହୁ ଦୂରକୁ ଦୂରେଇଯାଏ।

॥ ସୂର୍ଯ୍ୟାସ୍ତରେ ଭାବ ବିନିମୟ ॥
ବ୍ୟସ୍ତ ବହୁଳ ଦୁନିଆରେ
ସୂର୍ଯ୍ୟାସ୍ତ କାଳ ଏକ
ମୋ ପରିକଳ୍ପନା ରାଇଜ ପାଇଁ
ଆନନ୍ଦର ପାର୍ବଣ ସମୟ,
ସୂର୍ଯ୍ୟାସ୍ତ ହୁଏ ପଶ୍ଚିମେ
ଖାଲି ରଙ୍ଗ ଛବିର ପସରା ମେଲାଇ,
ସେଇଠୁ କିଛି ଭାସି ଆସେ
ଯାହା ମୋ ମନ ଜଗତେ
କିଛି ଶବ୍ଦ ହୁଅଇ ଆୟ,
ସେଇ ରଙ୍ଗ ଛବି ଶବ୍ଦ ସମୂହ
ଫୁଟିଯାନ୍ତି କବିତାରେ,
କବିତା ପୁଣି ମୋ ପାଖରୁ
ମୁଦ୍ରିତ ହୁଅଇ,
ଆଉ ଅତି ଭାବ ମନରେ
ଚୌହଦୀସାରା ହୋଇଯାଏ ବିନିମୟ ।

♥ ଦୁମାଡ଼ିହି,ମୟୂରଭଞ୍ଜ,ଜାମଦା
ମୋ-୮୯୧୭୬୨୪୯୫୮

# ରାଜ୍ୟ ନିର୍ବାଚନ କମିଶନର ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ଆଗାମୀ ପୌରସଂସ୍ଥା ଓ ପଂଚାୟତ ନିର୍ବାଚନ କାର୍ଯ୍ୟ ସମୀକ୍ଷା କଲେ

ଖୋର୍ଦ୍ଧା ,୨୨/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଶ୍ରୀ ମୁଧୁସୁଦନ ପାଢ଼ୀ ଗତକାଲି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଗସ୍ତକରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆଗାମୀ ଦିନରେ ହେବାକୁ ଯାଉଥିବା ସାଧାରଣ ପୌରସଂସ୍ଥା ଓ ପଂଚାୟତ ନିର୍ବାଚନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରି ବିଭାଗୀୟ ଅଧିକାରୀ ଏବଂ ସମସ୍ତ ବି ଡି ଓ ତହସିଲଦାର , ପୌର ନିର୍ବାହୀ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ । ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଖୋର୍ଦ୍ଧା ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜିକରଣ ଅଧିକାରୀ , ଖୋର୍ଦ୍ଧା, ଶ୍ରୀ କିଶୋର କୁମାର ପଣ୍ଡା, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ ଯୋଗଦେଇଥିଲେ । ଜିଲ୍ଲା ପଂଚାୟତ ଅଧିକାରୀ, ଖୋର୍ଦ୍ଧା ଶ୍ୟାମଳେନ୍ଦୁ ନାୟକ ପୂର୍ବ ସାଧାରଣ ପୌର ଓ ପଂଚାୟତ ନିର୍ବାଚନ ୨୦୨୨ର ପରିଚାଳନା ତଥା ପ୍ରିସାଇଡିଂ ଓ ପୋଲିଂ ଅଧିକାରୀ ନିୟୋଜନ ଠାରୁ ଆରମ୍ଭ କରି ବୁଥ ରେ ସର୍ବନିମ୍ନ ସୁବିଧା ଉପଲବ୍ଧ ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ନିର୍ବାଚନ ସମୟରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବି ଡି ଓ ଏବଂ ନିର୍ବାହୀ ଅଧିକାରୀ ମାନଙ୍କୁ ବିତୃତ ସୂଚନା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାରେ ଏକ ଗୋଟି ଲୋକସଭା ଆସନ ଅଧୀନ ଆଠ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କମିଶନଙ୍କ ଅନୁମୋଦନ କ୍ରମେ ମୋଟ ୨୪୩୪ ଗୋଟି ମତଦାନ କେନ୍ଦ୍ର ମାଧ୍ୟମରେ ଆଗାମୀ ସାଧାରଣ ପୌର ପରିଷଦ ଓ ପଂଚାୟତ ନିର୍ବାଚନ ପରିଚାଳନା କରାଯିବା ସୂଚନା ମିଳିଛି । ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ନବାଗତ ଆଚାର୍ଯ୍ୟ/ ଆଚାର୍ଯ୍ୟା ମାନଙ୍କର ତାଲିମ ଶିବିର



ଉଦଳା,୨୨/୧୨ (ନି.ପ୍ର): ଏକଲ ଅଭିଯାନ ପୁର୍ବ ଭାଗର ନିୟନ୍ତ୍ରଣରେ ଥିବା ବଡ଼ସାହି, ନୀଳଗିରି , ଶୁଳିଆପଦା, ଚିତ୍ରଡ଼ା, ଶରତ, ଶାମାଖୁଂଟା, ଠାକୁରମୁଣ୍ଡା, ମିତ୍ରପୁର, କପ୍ତିପଦା, କୁଳିଅଣା ପ୍ରଭୃତି ସଂଚରେ ନୁଆକରି କାର୍ଯ୍ୟରେ ଯୋଗ ଦେଇଥିବା ଆଚାର୍ଯ୍ୟ/ଆଚାର୍ଯ୍ୟା ମାନଙ୍କର ଏକ ୧୦ ଦିନିଆ ତାଲିମ ଶିବିର କାଦୁଆଲବନ୍ଧ ଠାରେ ଚଳିତ ଡ଼ିସେମ୍ବର ୧୫ ତାରିଖ ସୋମବାର ଠାରୁ ଆରମ୍ଭ ହୋଇଛି । ଅଂଚଳ ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଂଟାବାଡଁଶିଆ ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସରସ୍ୱତି ମହାନ୍ତ, କୁନା ମହାରଣା, ସସ୍ମିତା ମହାନ୍ତି ଓ ସୀତା ବିନ୍ଧାଣୀ ସହଯୋଗ କରୁଛନ୍ତି । ପ୍ରଶିକ୍ଷକ ଭାବରେ ସାମାଜିକ କର୍ମୀ ପ୍ରଦୀପ ବଳା, ବିଶ୍ୱହିନ୍ଦୁ ପରିଷଦର ରଂଜନ କୁମାର ମିଶ୍ର, ସଂଗଠକ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଶରତ ଚନ୍ଦ୍ର ବଳା, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ପଂଚମୁଖୀ ଶିକ୍ଷାରେ ଥିବା ଆରୋଗ୍ୟ, ଜାଗରଣ ସହିତ ରାଷ୍ଟ୍ରଭକ୍ତିର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି । ଏହା ଆସନ୍ତା ୨୪ ତାରିଖ ବୁଧବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।

# ବାରିପଦା ଷ୍ଟାଡିୟମ ପଡିଆଠାରେ ୨ଦିନିଆ 'ସାଂସଦ ଖେଳ ମହୋତ୍ସବ' ଉଦ୍‌ଘାଟିତ



ବାରିପଦା ,୨୨/୧୨ (ନି.ପ୍ର): ବାରିପଦା ସ୍ଥିତ ଷ୍ଟାଡିୟମ ପଡିଆ ଠାରେ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଆୟୋଜିତ ' ସାଂସଦ ଖେଳ ମହୋତ୍ସବ ' ଜିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଖେଳ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ର ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସାଂସଦ ମାନଙ୍କ ଦ୍ୱାରା ସଂସଦୀୟ କ୍ଷେତ୍ରରେ କ୍ରୀଡାକୁ ଆଗ୍ରଅଧିକାର ଦେବା ସହିତ ଖେଳାଳୀ ମାନଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିବା ଉଦେଶ୍ୟରେ ଏହାକୁ ଆୟୋଜନ କରାଯାଉଛି। ବିଶେଷ କରି ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଟ ୨୦,୦୦୦/- ଓ ଦ୍ୱିତୀୟ ପୁରସ୍କାର ଟ ୧୫, ୦୦୦/- ରଖାଯାଇଛି ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲାପାଳ କହିଥିଲେ ଜିଲ୍ଲାରେ ଉତ୍ତମ କ୍ରୀଡା ପରିବେଶ ସୃଷ୍ଟି କରିବାପାଇଁ ବିଭିନ୍ନ ପ୍ରକାର ଯୋଜନା ହାତକୁ ନିଆଯାଇଛି ଯାହାକି ଆଗାମୀ ସମୟରେ ଖେଳାଳି ମାନଙ୍କ ପାଇଁ ବେଶ ସହାୟକ ହେବ। ବିଭିନ୍ନ ପ୍ରକାର ଖେଳକୁ ସାମିଲ କରାଯାଇ ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳୀ ମାନଙ୍କୁ ଉପଯୁକ୍ତ ବନାଯିବ ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସହିତ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ସକ୍ଷମ ହୋଇପାରିବେ। ଉକ୍ତ କାର୍ଯ୍ୟକ୍ରମରେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଏହି ପ୍ରତିଯୋଗିତାର ମୁଖ୍ୟ ସଂଯୋଜକ ସୁନୀଲ କୁମାର ମହାନ୍ତ ଓ ଗଣମାଧ୍ୟମ ସଂଯୋଜକ ଦିବ୍ୟରଞ୍ଜନ ମହାନ୍ତ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଉକ୍ତ ଖେଳ ପ୍ରତିଯୋଗିତା ରେ ଜିଲ୍ଲାରୁ ୩୨ଟି ପୁରୁଷ ଫୁଟବଲ ଦଳ ଯୋଗ ଦେଇଥିବାବେଳେ ୧୨ଟି ବାଳିକା କବାଡି ଦଳ ଯୋଗ ଦେଇଛନ୍ତି ଏବଂ ପାଖାପାଖି ୯୦୦ ଖେଳାଳୀ ଏଥିରେ ଅଂଶଗ୍ରହଣ କରୁଛନ୍ତି।

# ଖୋର୍ଦ୍ଧା ମହୋତ୍ସବ ପଞ୍ଚମ ସନ୍ଧ୍ୟା ସାଧାରଣ ସଭା ଅନୁଷ୍ଠିତ

ଖୋର୍ଦ୍ଧା,୨୨/୧୨ (ନି.ପ୍ର): ପ୍ରଥମ ପାଇକ ବିଦ୍ରୋହ ଓଡ଼ିଶାକୁ ଗୌରବାନ୍ୱିତ କରେ, ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡ କ୍ଷ ଖୋର୍ଦ୍ଧା ତା ୨୦.୧୨.୨୦୨୫ରିଖ: ଆଜି ଖୋର୍ଦ୍ଧା ମହୋତ୍ସବର ପଞ୍ଚମ ସନ୍ଧ୍ୟା ରେ ଓଡ଼ିଶାର ମାନ୍ୟବର ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନିଜ ଅଭିଭାଷଣ ରେ ଖୋର୍ଦ୍ଧା ବୀର ପାଇକ ମାଟି ପ୍ରଥମ ପାଇକ ବିଦ୍ରୋହ ଓଡ଼ିଶାକୁ ଗୌରବା ନ୍ୱିତ କରେ ବୋଲି ପ୍ରକାଶ କରି ଖୋର୍ଦ୍ଧା ମହୋତ୍ସବ ଐତିହ୍ୟ, କଳା, ସଂସ୍କୃତିର ମଞ୍ଚ ଏବଂ ଆମର ଅସ୍ମିତା ଲୋକ କଳା ଓ ଲୋକ ବାଦ୍ୟ ବିକାଶର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ କୁ ଦିଗ ଦର୍ଶନ ଦେବ ବୋଲି ଉଦବୋଧନ ଦେଇଥିଲେ । ମହୋତ୍ସବ କମିଟି ସଭାପତି ଦିଲ୍ଲିପ ଶ୍ରୀଚନ୍ଦନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମାନ୍ୟବର ବିଧାୟକ, ଜଟଣୀ, ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବ୍‌ତରାୟ, ମାନ୍ୟବର ବିଧାୟକ, ଭୁବନେଶ୍ୱର ମଧ୍ୟମ, ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ଲାଦେ ଗଜାନନ ଦୟାନନ୍ଦ, ତହସିଲଦାର, ଖୋର୍ଦ୍ଧା, ବିଭାଷ ପାଣିଗ୍ରାହୀ, ହାଇଟେକ୍ ଭେଷଜ ଚିକିତ୍ସାଳୟର , ଦନ୍ତଚିକିତ୍ସଜ୍ଞ ଡାକ୍ତର ଅନୁରାଧା ପାଣିଗ୍ରାହୀ ନିଜ ନିଜ ବକ୍ତବ୍ୟରେ ଖୋର୍ଦ୍ଧାର ଗରିମା ମୟ ଇତିହାସ ସହ ଓଡ଼ିଶାର ଐତିହ୍ୟ ପରମ୍ପରା , ସଭ୍ୟତା ଓ ମହୋତ୍ସବ ବିକାଶର ନୂତନ ଖୋର୍ଦ୍ଧା ଏବଂ ଓଡ଼ିଶା ଗଠନକୁ ସମୃଦ୍ଧ କରିବ ବୋଲି ପ୍ରକାଶ କରିଥିଲେ । ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ଉନ୍ନୟନ ଶିକ୍ଷା ଯୋଜନା , ଗମନାଗମନ ଓ ଐତିହ୍ୟ ସଂସ୍କୃତି ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ଉଲ୍ଲେଖ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚ ଉପସ୍ଥାପନାରେ ଶ୍ରୀକାନ୍ତ ନାୟକ ସମ୍ପାଦନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ସମସ୍ତ ସମ୍ମାନିତ ଅତିଥି ଙ୍କୁ ପଗଡ଼ି, ମହୋତ୍ସବ ସ୍ମୃତି ଫଳକ, ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଡିଭାଇନ୍ ଡ୍ୟାନ୍ସ ଗ୍ରୁପ ସହ ଅନେକ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ, ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କମ ଦ୍ୱାରା ଆକର୍ଷଣୀୟ ମନମୁଗ୍ଧ କର ସାଂସ୍କୃତିକ ପାରମ୍ପାରିକ ଓ ସମ୍ୟକ ଆଧୁନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜଳ ଯୋଗାଣ ପାଇଁ ଦାବି

କେନ୍ଦ୍ରାପଡ଼ା,୨୨/୧୨ (ନି.ପ୍ର): କେନ୍ଦ୍ରାପଡା ସହର ମଧ୍ୟ ଦେଇ ପ୍ରବାହିତ ହେଉଥିବା କେନାଲର ଉଭୟ ପାଶ୍ୱର୍ରେ ଥିବା ଚାଷ ଜମିକୁ ଜଳ ଯୋଗାଇବା ଓ କେନାଲର ପୁନଃରୁଦ୍ଧାର କରିବା ପାଇଁ ସିପିଆଇ ପକ୍ଷରୁ ଦାବି କରାଯାଇଛ । ଏନେଇ ଏକ ଦାବିପତ୍ର ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି ।

# ଶିକ୍ଷା ହିଁ ସଭ୍ୟତାର ମୂଳମନ୍ତ୍ର



ବଡସାହି,୨୨/୧୨ (ନି.ପ୍ର): ବଡସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁରେ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାରେ, ମୁଖ୍ୟଅତିଥି ଦୀପକ କୁମାର ଗୋଛାୟତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆନୁଷ୍ଠାନିକ ଭାବରେ ଜଗନ୍ନାଥଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍ଘାଟନ କରି 'ଶିକ୍ଷାହିଁ ସଭ୍ୟତାର ମୂଳମନ୍ତ' ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ସହ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ ବାର୍ଷିକ ବିବରଣୀ ପାଠ କରିଥିଲେ । ସତନ୍ତ୍ରଅତିଥି କରୁଣାକର ଧିନ୍ଦା , ତହସିଲଦାର ବଡ଼ସାହି , ମୁଖ୍ୟବକ୍ତା ଡ଼. ପ୍ରଭଞ୍ଜନ ରାଉତ , ନିର୍ଦ୍ଦେଶକ ସାଇବିଦ୍ୟାମନ୍ଦିର , ସ୍ୱତନ୍ତ୍ରବକ୍ତା ଉମାକାନ୍ତ ବେହେରା , ସାହିତ୍ୟିକ , ସମ୍ମାନୀୟ ଅତିଥି ସରୋଜ କୁମାର ବେହେରା , ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ , ବିଶ୍ୱମ୍ବର ବେହେରା , ସମିତି ସଭ୍ୟ ଶାଳଗାଁ ଓ ରୌପ୍ୟ ଜୟନ୍ତୀର ପ୍ରମୁଖ ରାଜେନ୍ଦ୍ର ଦାସ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କର ଉତ୍ତମ ଦାୟିତ୍ୱ ନେବାରେ ପିତା ମାତା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ପ୍ରମୁଖ ଭୂମିକା ରହିବା ଉଚିତ୍ ଓ ପିଲାଙ୍କୁ ମୋବାଇଲ୍ ଠାରୁ ଦୂରରେଇ ରହିବା ଜରୁରି ପରାମର୍ଶ ଦେଇଥିଲେ। ମଞ୍ଚକୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ ଅତିଥି ବୃନ୍ଦ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଗ୍ରାମର କେତେକ ମହାନ ବ୍ୟକ୍ତି ମାନଙ୍କୁ ମାନପତ୍ର ସହ ଉପ ଢୌକନ ଓ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା । ଆସନ୍ତା ୨୧ ତାରିଖ ଦିନ ରୌପ୍ୟ ଜୟନ୍ତୀର ଶେଷ ଦିବସ ହେବ । ଆଜି ସନ୍ଧ୍ୟାରେ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ୨୧ ତାରିଖ ଦିନ ସକାଳ ୮ଘଟିକା ସମୟରେ ରକ୍ତ ଦାନ ଶିବିର ଓ ଦାତବ୍ୟ ହୋମିୟପ୍ୟାଥିକ ଚିକିତ୍ସା ଶିବିର କରାଯିବ । ଏଥି ସହିତ ପ୍ରତ୍ୟେକ ଦିନ ସକାଳ ଯୋଗ ଶିବିର କରାଯାଉଛି । ବିଦ୍ୟାଳୟର ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ଶିକ୍ଷକ, ଅଣ ଶିକ୍ଷକ ଓ ଗ୍ରାମ ବାସୀ ସହଯୋଗ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଭା ମହୋତ୍ସବ ପ୍ରସ୍ତୁତି ବୈଠକ: ଏଥର ମହୋତ୍ସବ ହେବ ପଳସା ପଡିଆରେ



ଖଇରା,୨୨/୧୨ (ନି.ପ୍ର): ଖଇରା ବ୍ଲକର ସର୍ବବୃହତ ପୁଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଚଳିତ ବର୍ଷର ପ୍ରତିଭା ମହୋତ୍ସବ ପଳସା ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଛି । ଏଥି ନେଇ ଆଲୋଚନା ମିନି ଷ୍ଟାଡିୟମ ସଂଲଗ୍ନ ଆରଏମସି ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ବସନ୍ତ କୁମାର ଖିଲାରଙ୍କ ପୌରହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପଳସା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଭାସ ଚନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ପ୍ରତିନିଧି ଅଶୋକ ଦାସ ମହାପାତ୍ର,ଦୀନବନ୍ଧୁ ମହାନ୍ତି, ଗଜେନ୍ଦ୍ର ପ୍ରସାଦ ପାତ୍ର, ରମାକାନ୍ତ ମହାନ୍ତି,କାର୍ତ୍ତିକ ମହାନ୍ତି, ବଳରାମ ଗତିକୃଷ୍ଣ ଦାଶ,ରାଜେନ୍ଦ୍ର କୁମାର ମହାନ୍ତି,ସନ୍ତୋଷ କୁମାର ସେଠୀ, ମାନସ ରଞ୍ଜନ ପଣ୍ଡା, ଉଦୟ କୁମାର ଘଡେଇ, ଅନନ୍ତ ପ୍ରସାଦ ଦାଶ, ରବିନ୍ଦ୍ର କୁମାର ଦାଶ, ରମାକନ୍ତ ବେଜ, ଗିରିଶ ଚନ୍ଦ୍ର ବେହେରା, ଭଗବାନ ବୈଶାଖ, ଡମ୍ବରୁଧର ବାରିକଙ୍କ ସମେତ ପଳସା , ନଛିପୁର, ତୋରାଣୀପଦା, କୁଡିଆ ସାହି ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଏଭଳି ନିଷ୍ପତିକୁ ସ୍ୱାଗତ କରିବା ସହ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ପ୍ରତିଭା ପରିବାରର ସମସ୍ତ କର୍ମକର୍ତ୍ତା ତଥା ସଭ୍ୟମାନେ ଉପରୋକ୍ତ ଗ୍ରାମର ଅଧିବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ପୁର୍ବରୁ ଏହି ମହୋତ୍ସବ ଖଇରା ଦୁର୍ଗାମଣ୍ଡପରେ ଆୟୋଜିତ କରାଯାଇଆସୁଥିବା ବେଳେ ଦର୍ଶକଙ୍କ ଭିଡକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ପଳସା ମିନିଷ୍ଟାଡିୟମକୁ ସ୍ଥାନାନ୍ତର କରିବାକୁ ଅଧିକାଂଶ ସଦସ୍ୟ ମତ ଦେଇଥିଲେ ।

# ମାଡମାରି ହତ୍ୟାଘଟଣାର ପୋଲିସ ତଦନ୍ତରେ ଶିଥିଳତା ନେଇ ଉଠିଲା ପ୍ରଶ୍ନବାଚୀ: ରାଜରାସ୍ତାକୁ ଓହ୍ଲାଇବ ନୀଳଗିରି କଂଗ୍ରେସ



ନୀଳଗିରି ,୨୨/୧୨ (ନି.ପ୍ର): ଜୈନିକ ବ୍ୟକ୍ତିଙ୍କୁ ସଂଘବଦ୍ଧଭାବେ ଆକ୍ରମଣକରି ମର୍ଡରକରିବା ଘଟଣାକୁ ପାଖାପାଖି ୩ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ପରିବାର ଲୋକେ ହତୋତ୍ସାହ ହୋଇପଡ଼ିଥିବା ବେଳେ ଘଟଣାକୁ ଗୁରୁତରସହ ନେଇଛି ନୀଳଗିରି କଂଗ୍ରେସଦଳ। ସୂଚନା ଅନୁଯାୟୀ ଗତ ଅକ୍ଟୋବର ୨ତାରିଖ ସନ୍ଧ୍ୟା ୭ଟା ସମୟରେ ନୀଳଗିରି ଥାନା ସଠିଲୋ ବଲବଲିଆ ଗ୍ରାମର ଗଜେନ୍ଦ୍ର ଗିରି ଜଡ଼ିବାଲି ଗ୍ରାମପାଖରେ ଥିବା ବିଲକୁ ମାଛଧରିବା ପାଇଁ ଖଇଞ୍ଚି ବସାଇବାକୁ ଯାଇଥିଲେ। ମାତ୍ର ରାତ୍ରି ୯ଟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଗଜେନ୍ଦ୍ରଙ୍କ ପୁଅ ଜୟନ୍ତ ନିଜ ବଡବାପା ଏବଂ କିଛି ଗ୍ରାମବାସୀଙ୍କୁ ନେଇ ବିଲକୁ ଖୋଜିବାକୁ ଯାଇଥିଲେ। ତେବେ ବିଲମଝିରେ ଥିବା ଏକ ହିଡ ଉପରେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ନୀଳଗିରି ହସ୍ପିଟାଲକୁ ଚିକିତ୍ସାପାଇଁ ଆଣିଥିଲେ। ସେଠାରେ ଡାକ୍ତର ଗଜେନ୍ଦ୍ରଙ୍କୁ ମୃତଘୋଷଣା କରିଥିଲେ। ପୂର୍ବରୁ ଖଇଁଚି ବସାଇବାକୁ ନେଇ ଜଡିବାଲି ଗ୍ରାମର ଉଦୟ ଧଣିକ , ଜିତେନ୍ଦ୍ର ମିଶ୍ରୀ, ସିଲୁ ଏବଂ ଅନ୍ୟ ୩/୪ଜଣଙ୍କ ସହିତ ଝଗଡ଼ା ହୋଇଥିବାନେଇ ଗଜେନ୍ଦ୍ରଙ୍କ ପୁଅ ଜୟନ୍ତ ନୀଳଗିରିଥାନାରେ ସନ୍ଦେହରେ ଲିଖିତ ଏତଲା ଦେଇଥିଲେ। ଉକ୍ତ ଘଟଣାକୁ ତିନିମାସ ପୁରିବାକୁ ବସିଲାଣି। ମାତ୍ର ନୀଳଗିରି ପୋଲିସର ତଦନ୍ତରେ ଶିଥିଳତା ନେଇ ପରିବାରଲୋକେ କିଛି କଂଗ୍ରେସନେତାଙ୍କୁ ଭେଟିଥିଲେ। ଯୁବନେତା ତପନ ରାଉତ, ଯୋଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ, ରାମକୃଷ୍ଣ ଜେନା ପ୍ରମୁଖ ନୀଳଗିରି ଉପଖଣ୍ଡ ପୋଲିସ ଅଧିକ୍ଷକଙ୍କୁ ଭେଟି ଘଟଣାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏପର୍ଯ୍ୟନ୍ତ ଦୋଷୀଙ୍କୁ ଚିହ୍ନଟ ନକରିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବା ନେଇ ପୋଲିସର ଭୂମିକାକୁ ସନ୍ଦେହ କରିଛନ୍ତି। ଯଦି ତୁରନ୍ତ ଦୋଷୀଙ୍କୁ ଦଣ୍ଡ ନମିଳେ ଏବଂ ଗଜେନ୍ଦ୍ରଙ୍କ ପରିବାରକୁ ଉଚିତ ନ୍ୟାୟନମିଳେ ତାହେଲେ ପରିବାର ସହିତ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହିତ ରାସ୍ତାରୋକ କରିବବୋଲି ଚେତାବନୀ ଦେଇଛନ୍ତି।

# ଗଜସାଥୀଙ୍କ ଦକ୍ଷତାବୃଦ୍ଧି ତାଲିମ ଶିବିର




ନୀଳଗିରି ,୨୨/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନବିଭାଗ ନୀଳଗିରି ବନ୍ୟଜୀବ ବନାଞ୍ଚଳ ବାଲେଶ୍ୱର ବନଖଣ୍ଡ ଆନୁକୁଲ୍ୟରେ ଗଜସାଥୀ ମାନଙ୍କର ଏକ ଦକ୍ଷତାବୃଦ୍ଧି ତାଲିମଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୧ଘଟିକା ସମୟରେ ଜାମୁଡିହା ସ୍ଥାୟୀ ଚାରାବିତରଣ କେନ୍ଦ୍ର ଠାରେ ସ୍ଥାନୀୟ ରେଞ୍ଜଅଧିକାରୀ ମନୱର୍ ଖାଁଙ୍କ ନେତୃତ୍ୱରେ ନୀଳଗିରି ରେଞ୍ଜଅଧିନସ୍ଥ ପ୍ରାୟ ୧୪୫ଜଣ ଗଜସାଥୀ ଉକ୍ତ ତାଲିମ ଶିବିରରେ ଯୋଗ ଦେଇଥିଲେ। ମୁଖ୍ୟତଃ ହସ୍ତୀ ପରିଚାଳନା, ବନାଞ୍ଚଳ ବାସୀଙ୍କୁ ହସ୍ତୀ ଆଗମନ ସମୟରେ କିପରି ନିଜକୁ ସୁରକ୍ଷିତ ରହିବେ, ବନ୍ୟସମ୍ପଦ ସୁରକ୍ଷା, ଜଙ୍ଗଲନଷ୍ଟ ନକରି କିପରି ପର୍ଯ୍ୟାପ୍ତ ପରିମାଣର ହାତୀମାନଙ୍କର ଖାଦ୍ୟାଭାବ ନହେବ ସେଥିପାଇଁ ଏହି ଶିବିରରେ ଉପସ୍ଥିତ ଗଜସାଥୀ ମାନଙ୍କୁ ମାର୍ଗଦର୍ଶନ ସହିତ ତାଲିମପ୍ରଦାନ କରାଯାଇଥିଲା। ରେଞ୍ଜ ଅଧିକାରୀ ମନୱାର୍ ଖାଁଙ୍କ ସମେତ ପୂର୍ବତନ ୱାର୍ଡେନ୍ ପ୍ରକାଶ ମର୍ଦ୍ଦରାଜ ଓ ପୂର୍ବତନ ବନପାଳ ଶ୍ରୀଧର ଲେଙ୍କା ଏହି ଶିବିରରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଗଜସାଥୀ ମାନଙ୍କୁ ବିଭାଗ ତରଫରୁ ଜୋତା,ଟର୍ଚ୍ଚ, ପାଣିବୋତଲ ସହ ଡ୍ରେସ ପ୍ରଦାନ କରାଯାଇଥିଲା।

## ସାଳନ୍ଦୀ ନଦୀର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଆଡ଼ିବନ୍ଧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୨୨/୧୨ (ନି.ପ୍ର): ସାଳନ୍ଦୀ ନଦୀର ଉଭୟ ପାର୍ଶ୍ୱର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ବନ୍ୟା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଆଜି ଆଡ଼ିବନ୍ଧ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବନ୍ୟା ପ୍ରଭାବ କମିବା ସହ ଚାଷଜମିକୁ ଉତ୍ତମ ଜଳସେଚନ ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ସାଳନ୍ଦୀ ନଦୀ ଆଂଚଳିକ ଲୋକଙ୍କ ଜୀବନ ଓ ଜୀବିକା ସହ ଗଭୀରଭାବେ ଜଡ଼ିତ। ଏହି ଆଡ଼ିବନ୍ଧ ପ୍ରକଳ୍ପ ନଦୀ ତଟବର୍ତ୍ତୀ ଅଂଚଳକୁ ସୁରକ୍ଷିତ କରିବା ସହ ଅଂଚଳର ଦୀର୍ଘମେୟାଦୀ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। କାର୍ଯ୍ୟକ୍ରମରେ ଭଦ୍ରକ ବିଧାନସଭା କ୍ଷେତ୍ରର ଲୋକପ୍ରିୟ ବିଧାୟକ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ସେ ପ୍ରକଳ୍ପ ଆରମ୍ଭ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇ ଏହା ଭଦ୍ରକ ଜିଲ୍ଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ମୂଳକ ପଦକ୍ଷେପ ବୋଲି କହିଥିଲେ।

## ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୨୨/୧୨ (ନି.ପ୍ର): ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବିଜାଖମନ ଠାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅରୁଣ ରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସର୍ବ ସମ୍ମତିକ୍ରମେ ଅକ୍ଷୟ ରଣା (ବଲାଙ୍ଗିର) ପଶ୍ଚିମ ଓଡିଶା ସଭାପତି ଲାବଣ୍ୟ ରଣା (ବରଗଡ) ଓ ଇନ୍ଦଲ ରଣା (ନୂଆପଡା) କାର୍ଯ୍ୟକାରୀ ସଭାପତି ଏବଂ ବିଶ୍ୱନାଥ ରଣା (ନୂଆପଡା) ସାଧାରଣ ସଂପାଦକ ନିର୍ବାଚିତ ହୋଇଛନ୍ତି । ଏହି ବୈଠକରେ ଡଃ ଦେବାଶିଷ ରଣା ମେମୋରିଆଲ ଟ୍ରଷ୍ଟ ବଲାଙ୍ଗିର ତରଫରୁ କୁମ୍ଭାର ସମାଜର ୮୦% ମାର୍କ ରଖି ଦଶମ ଓ ଦ୍ୱାଦଶ ଶ୍ରେଣୀ ଆଠଜଣ ଛାତ୍ର ଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଟ୍ରଷ୍ଟ ଫାଉଣ୍ଡର ପୂର୍ଣ୍ଣଚନ୍ଦ୍ର ରଣା ଟ୍ରଷ୍ଟ ସଭାପତି ରଘୁରାଜ ରଣା, ବରିଷ୍ଠ ସମାଜସେବୀ ବିଶ୍ୱାମିତ୍ର ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ୧୪ଟି ବ୍ଲକ ସଭାପତି, ସମ୍ପାଦକ ଙ୍କ ସହ ବରଗଡ, ସୋନପୁର, ନୂଆପଡା, କଳାହାଣ୍ଡି, ସମ୍ବଲପୁର ଜିଲ୍ଲା ସଭାପତି ସମ୍ପାଦକ ଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ ସମାଜ ପ୍ରେମୀ ଉପସ୍ଥିତ ଥିଲେ । ବୈଠକରେ ସହଯୋଗ କରିଥିଲେ ଚକ୍ରପାଣି ରଣା, ପୂର୍ଣ୍ୟ ଶେଖର ରଣା, ଓମ୍ ପ୍ରକାଶ ରଣା, ପିତାମ୍ବର ରଣା, ନିରାକାର ରଣା, ଯୁଗଳ କିଶୋର ରଣା, ଭକ୍ତ ଚରଣ ରଣା, ନୃପରାଜ ରଣା, ପ୍ରମୋଦ ରଣା, ଶଶିଭୂଷଣ ରଣା । ବଲାଙ୍ଗିର ଜିଲ୍ଲା ସମ୍ପାଦକ ଅନିଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭବନ ବଡ ଆବଶ୍ୟକତା ନାହିଁ ଅନ୍ତର୍ନିହିତ ଭାବନା ବଡ଼



ବଡସାହି , ୨୨/୧୨ (ନି.ପ୍ର): ବଡସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ରୌପ୍ୟ ଜୟନ୍ତୀର ଉଦଯାପନୀ ଉତ୍ସବ ସକାଳ ୯ ଘଣ୍ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଆନୁଷ୍ଠାନିକ ଭାବରେ ହୋମିଓପ୍ୟାଥିକ ଓ ରକ୍ତ ଦାନ ଶିବିରକୁ ଉଦଘାଟନ କରିଥିଲେ । ଅପରାହ୍ନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଏସ୍. କେ. ମେହେରବାନ ଅଲ୍ଲୀ , ସହକାରୀ ବନ ସଂରକ୍ଷକ, ମୁଖ୍ୟ ବକ୍ତା ଡା.ପ୍ରଦୀପ୍ତ କୁମାର ମିଶ୍ର ପ୍ରାଧ୍ୟାପକ ନୀଳଗିରି ମହିଳା ମହାବିଦ୍ୟାଳୟ, ଭବନ ବଡ଼ ଆବଶ୍ୟକତା ନାହିଁ , ଅନ୍ତର୍ନିହିତ ଭାବନା ବଡ଼ ବୋଲି ଉପସ୍ଥାପନା କରିଥିଲେ । ସ୍ୱତନ୍ତ୍ର ବକ୍ତା ଡ଼ ସରୋଜ କୁମାର ନାୟକ, ସହ ପ୍ରାଧ୍ୟାପକ ସ୍ୱୟଂଚାଳିତ ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ , ସମ୍ମାନନୀୟ ଅତିଥି ଡ଼ ରଜନୀକାନ୍ତ ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ , ସନ୍ତୋଷ କୁମାର ଦୁର୍ଗା ଅବସର ପ୍ରାପ୍ତ କାରାଗାର ଅଧକ୍ଷ,ଅଶୋକ କୁମାର ପୁଷ୍ଟି ଅଧ୍ୟାପକ ସୀମାନ୍ତ ମହାବିଦ୍ୟାଳୟ ଯୋଗ ଦେଇଥିଲେ । 'ଛାତ୍ରଛାତ୍ରୀମାନେ ପରିଶ୍ରମ କରି ଶିକ୍ଷାକୁ ସଭ୍ୟତାର ମୂଳମନ୍ତ୍ର ଭାବି ପରିଶ୍ରମ କରିବା ପାଇଁ ଅତିଥି ବୃନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ '। କୃତି ପ୍ରତିଯୋଗୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ଓ ମହାନ୍ ବ୍ୟକ୍ତିମାନଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ଗୋଟିଏ ଫଳ ଗଛ ଅତିଥି ବୃନ୍ଦ ପ୍ରଦାନ କରିଥଲେ । ବଙ୍କିମ ଚନ୍ଦ୍ର ବାରିକ ମଞ୍ଚକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ମାନଙ୍କୁ ଉପଢ଼ୌକନ ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବୋଧନ କରିଥିଲେ । ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯକ୍ରମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ବିନ୍ଧାଣୀଙ୍କ ତତ୍ୱା ବଧାନରେ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଓ ଅଧ୍ୟୟନ ରତ ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ। ସର୍ବଶେଷରେ ବିଜୟ ଭାସ୍କର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚିଟଫଣ୍ଡ ଜମାକାରୀଙ୍କ ...

ଏହି ଆଶାରେ ଏହି ପରିବାର ଜୀବନର ସମସ୍ତ ପୁଞ୍ଜି ଚିଟଫଣ୍ଡ ସଂସ୍ଥା ହାତରେ ଟେକିଦେଇଥିଲା । ସ୍ୱପ୍ନର ଘର ତ ମିଳିବା ଦୁରର କଥା ନିଜେ ରହୁଥିବା ଘରର ଅବସ୍ଥା ପୁରା ଖରାପ । ଛାତରୁ ପ୍ଲାଷ୍ଟର ବାହାରି ଗଲାଣି। ସେତକ ସଜାଡିବାକୁ ବି ପାଖରେ ଟଙ୍କା ନାହିଁ । ଅର୍ଥ ବିଭାଗର ନିଷ୍ପତ୍ତି ଅନୁଯାୟୀ ୮ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ଫେରି ପାଇବେ ଜମାକାରୀ । ଏବେ ସରକାର ଆଉ ୫ ଲକ୍ଷ ଜମାକାରୀଙ୍କୁ ଚିହ୍ନଟ କରିଛନ୍ତି । ସେମାନେ ଜାନୁଆରୀ ୩୧ ଭିତରେ ଟଙ୍କା ଫେରି ପାଇବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ସରକାର ଯାହା ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ ତାକୁ ପାଳନ କରୁଛନ୍ତି ବୋଲି ସେ କହିଛନ୍ତି । କେବଳ କ୍ଷୁଦ୍ର ଜମାକାରୀ ନୁହଁ ବରଂ ସମସ୍ତ ଜାମାକରୀଙ୍କୁ ଚିହ୍ନଟ କରି ଟଙ୍କା ଫେରାଇବା ପାଇଁ ସରକାର ଯୋଜନା କରନ୍ତୁ ବୋଲି କ୍ଷତିଗ୍ରସ୍ତ ମିଳିତ ମଞ୍ଚ ଦାବି କରିଛି । ଚିଟଫଣ୍ଡକୁ ନେଇ ରାଜ୍ୟରେ ଅନେକ ତୁମ୍ବିତୋଫାନ ହୋଇଛି। ରାଜନୀତି ବି ସରଗରମ ହୋଇଛି। ରାଜନୈତିକ ଦଳ ଏହାକୁ ନିର୍ବାଚନୀ ପ୍ରସଙ୍ଗ ବି କରିଛନ୍ତି। କିନ୍ତୁ ଜମାକାରୀଙ୍କ ଦୁଖ କମିବା ପରିବର୍ତ୍ତେ ବଢିଚାଲିଛି। କେବଳ କ୍ଷୁଦ୍ର ଜମାକାରୀ ନୁହଁ ବରଂ ସମସ୍ତ ଜମାକାରୀ ତାଙ୍କ ଟଙ୍କା କିପରି ଫେରିପାଇବେ ସେନେଇ ସରକାର ବିଚାର କରୁ ବୋଲି ଦାବି କରିଛନ୍ତି ଜମାକାରୀ ।

## ଜିଲ୍ଲା ସାଂଗଠନିକ ବୈଠକ

ବାଲେଶ୍ୱର, ୨୨/୧୨ (ନି.ପ୍ର): ଭାରତୀୟ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଂସଦ ଖେଳ ମହୋତ୍ସବ, ପ୍ରଧାନମନ୍ତ୍ରୀଙ୍କ ମନ କି ବାତ, ମଣ୍ଡଳ ସାଂଗଠନିକ ସଂରଚନା, ବୁଥ୍ କମିଟି ଗଠନ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକକୁ ଚନ୍ଦ୍ରଶେଖର ନନ୍ଦ ପରିଚାଳନା କରିଥିଲେ। ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ ଓ ଉମାକାନ୍ତ ମହାପାତ୍ର, ଜିଲ୍ଲା ଉପସଭାପତି କମଳା ବିନ୍ଧାଣି ଓ କରୁଣାକର ପଣ୍ଡା, ଜିଲ୍ଲା ସମ୍ପାଦିକା ସସ୍ମିତା ଚାନ୍ଦ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ପୂର୍ବତନ ମଣ୍ଡଳ ସଭାପତି ବୈଠକରେ ଅଂଶଗ୍ରହଣ କରିଥିଲେ।

## ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୨୨/୧୨ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ତ ଶାନ୍ତିଆ ଗ୍ରାମରେ ଥିବା ୧୯୪୭ ମସିହାରେ ପ୍ରତିଷ୍ଠିତ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୬ ମସିହା ଜାନୁଆରୀ ମାସ ୧୬,୧୭ ଓ ୧୮ ତାରିଖ ତିନିଦିନ ବ୍ୟାପି ପ୍ଲାଟିନମ ଜୁବୁଲି ଉତ୍ସବ ପାଇଁ ଆଜି ଅପରାହ୍ନ ୪ ଘଟିକା ସମୟରେ ସ୍କୁଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ପୁରାତନ ଛାତ୍ର ତଥା ଗ୍ରାମ ମୁଖ୍ୟ ସୀତାଂଶୁ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ, କାଉନସିଲର ଚନ୍ଦନ କୁମାର ଦାସ, କବିତା ଧଳ, ଡ.ଲଳିତ ରଞ୍ଜନ ସେନାପତି, ସଞ୍ଜୟ କୁମାର ଦାସ ପ୍ରାକ୍ତନ ଶିକ୍ଷକ ଆଦ୍ୟାଚରଣ ବେହେରା, କାର୍ତ୍ତିକ ଚନ୍ଦ୍ର ଗିରି, ସଞ୍ଜୟ କୁମାର ଦାସ,ନିତ୍ୟାନନ୍ଦ ଦାସ, ନଗେନ୍ଦ୍ର କର,ଶିକ୍ଷକ ଦିଲ୍ଲିପ କୁମାର ସେଠୀ, ଜଗନ୍ନାଥ ପରିଡ଼ା, ଦେବଜାନୀ ଅଣ୍ଡିଆ ପ୍ରମୁଖ ଉପସ୍ଥିତ ଆସନ୍ତା ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଉତ୍ସବ ଚାଲିବ ବୋଲି କମିଟି ସୂଚନା ଦେବା ସହିତ ଉକ୍ତ କାର୍ଯ୍ୟକ୍ରମରେ ମହାମହିମ ଓଡ଼ିଶାର ରାଜ୍ୟପାଳ, ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲାର ସାଂସଦ, ପ୍ରାକ୍ତନ ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ,ପୂର୍ବତନ ବିଧାୟକ, ବିଭିନ୍ନ ରାଜନୈତିକ ନେତୃତ୍ୱ,ଶିକ୍ଷାବିତ, ପରିବେଶବିତ, କବୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ମୁକ୍ତିପଦ ନନ୍ଦୀ, ଶ୍ୟାମସୁନ୍ଦର ଦେ,ଗୌତମ ଜେନା ପ୍ରମୁଖ ବିଦ୍ୟାଳୟ ର ଶିକ୍ଷକ ମାନେ ମଧ୍ୟ ଉପସ୍ଥିତ ଥିଲେ।ଶେଷରେ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କେନ୍ଦ୍ର ସରକାରଙ୍କ ନୂତନ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାକୁ ବିରୋଧ କରି ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ପ୍ରତିବାଦ ସଭା




ବାଲେଶ୍ୱର, ୨୨/୧୨ (ନି.ପ୍ର): ସଂସଦର ଶୀତକାଳୀନ ଅଧିବେଶନର ଶେଷଦିନରେ ଗୃହୀତ ହୋଇଥିବା ନୂତନ 'ଭିବି-ଜି-ରାମ-ଜି' ଆଇନକୁ ପ୍ରତ୍ୟାହାର ପାଇଁ ଦାବିକରି ବାମପନ୍ଥୀଦଳ ମାନେ ପ୍ରତିବାଦ ଦିବସ ପାଳନ କରିଛନ୍ତି। ବାଲେଶ୍ୱରରେ ସିପିଆଇ ଓ ସିପିଆଇ(ଏମ୍)ର ଜିଲ୍ଲା ନେତୃତ୍ୱ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଦିନ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଚାରଗଞ୍ଜ ଛକ ପାର୍ଶ୍ୱରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସିପିଆଇ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ଓ ସିପିଆଇ (ଏମ୍)ର ଜିଲ୍ଲା ସଂପାଦକ ଶିଶିର ହୁଇଙ୍କ ସମେତ ନିର୍ମଳ ନାୟକ, ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ପରିବହନ ଶ୍ରମିକନେତା ତଥା ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସେକ୍ ସଲ୍ଲାଉଦ୍ଦିନ୍, ଭରତ ଚନ୍ଦ୍ର ସେଠୀ, ଯତିନ୍ ପାତ୍ର, ପ୍ରେମରଞ୍ଜନ ପାତ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗତ ୨୦୦୫ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା 'ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍' (ଏମ୍‌ଜିଏନ୍‌ଆରଇଜିଏ) ଯୋଜନାର ନାମ ପରିବର୍ତ୍ତନ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଜନାରୁ କାଟିଦେବା ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ଏହି ଯୋଜନାର ସମସ୍ତ ଅର୍ଥ ପୂର୍ବରୁ କେନ୍ଦ୍ର ସରକାର ଦେଇଆସୁଥିବା ବେଳେ ନୂତନ ଆଇନରେ ରାଜ୍ୟ ସରକାରମାନେ ଶତକଡ଼ା ୪୦ ଭାଗ ଅର୍ଥ ବହନ କରିବେ ଓ ଜିଲ୍ଲାମାନଙ୍କର ଅଞ୍ଚଳ ଭିତ୍ତିରେ ଯୋଜନା ଲାଗୁ କରାଯିବା ଫଳରେ ରାଜନୈତିକ ନିଷ୍ପତ୍ତିରେ ବହୁ ଅଞ୍ଚଳକୁ କାଟି ଦିଆଯିବାର ଆଶଙ୍କା ରହିଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଏହି ନୂତନ ଯୋଜନାରେ ବର୍ଷକୁ ଦୁଇଶହ ଦିନ କାମ, କାମ ନଥିଲେ ବେକାରୀ ଭତ୍ତା, କେନ୍ଦ୍ର ସରକାର ବଜେଟରେ ଏହି ଯୋଜନା ପାଇଁ ଅର୍ଥ ପରିମାଣ ବୃଦ୍ଧି, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମଜୁରୀ ପ୍ରଦାନ ଓ ପଞ୍ଚାୟତ ସ୍ତରରେ ତାଲିକା ପ୍ରସ୍ତୁତି ପ୍ରଭୃତି ଛଅଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ସଭାରେ ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ଶେଷ ପରେ ଉଭୟଦଳର ପ୍ରତିନିଧିମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

## ପିଚିକୁଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଅନୁଷ୍ଠିତ



ଖୋର୍ଦ୍ଧା , ୨୨/୧୨ (ନି.ପ୍ର): ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅଧୀନ ପୂର୍ବାହ୍ନରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି,ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ବି ଡି ଓ, ବୋଲଗଡ଼ ସୁମନ୍ ସୁଧା କୁଣ୍ଡୁ, ତହସିଲଦାର, ବୋଲଗଡ଼,ବିଜୟ କୁମାର ସେଠୀ, ସ୍ଥାନୀୟ ସରପଞ୍ଚ ଯୋଗିନାଥ ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେଯେ ସୁଶାସନ ସପ୍ତାହ ଚାଲିଥିବାରୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗ ସମାଧାନକୁ ସ୍ଥଗିତ ରଖିବେ ନାହିଁ । ଯଥାସମ୍ଭବ ସରକାରଙ୍କର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସେଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୮୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୭୩ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୫ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୪ ଗୋଟି ଅଭିଯୋଗର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

**AFFIDAVIT**

By virtue of affidavit sworn before Executive Magistrate, Balasore dt.03/11/2025 Smt. Kiranprava Choudhury w/o Prasanta Kumar Mohapatra At-Shrikrushnapur, po-Januganj, ps-Industrial, Dist.Balasore declare that Kiranprava Choudhury and Kiranprava Mohapatra are one and same person. Henceforth these two names Kiranprava Choudhury and Kiranprava Mohapatra will be used for all purposes and indent.

**Kiranprava Choudhury**

## ଶକୁନ୍ତଳା ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ




ବସ୍ତା, ୨୨/୧୨ (ନି.ପ୍ର): ରୂପସା ଶକୁନ୍ତଳା ପବ୍ଲିକ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁବ ପରିବେଶବିତ, ତଥା ସାମାଜିକ କର୍ମୀ ସୁମନ୍ତ କୁମାର ଜେନା ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଠନ ପାଇଁ ପ୍ରାଥମିକ ଶିକ୍ଷାସ୍ତରରୁ ହିଁ ଅଭିଭାବକମାନଙ୍କୁ ଶିଶୁ ପାଇଁ ଲକ୍ଷ ସ୍ଥିର କରି ତାହାର ଶିକ୍ଷା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପିଞ୍ଚାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟ ଜି ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ କଠିନ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ବକ୍ତା ଅବସରପ୍ରାପ୍ତ କର୍ଣ୍ଣେଲ୍ ଶ୍ରୀଯୁକ୍ତ କ୍ଷେତ୍ରମୋହନ ମହାପାତ୍ର ଯୋଗଦେଇ ଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀଯୁକ୍ତ ସଞ୍ଜୟ କୁମାର ଗିରି ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସାଗର ସଙ୍ଗମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟରେ ସୁନାମ ଅର୍ଜନ କରିଥିବା ଛାତ୍ର ଯତୀନ୍ କୁମାର ନନ୍ଦୀ ଓ କ୍ରୀଡ଼ା,ଯୋଗ ଆଦି କ୍ଷେତ୍ରରେ ଅନେକ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ମୟ ଭବିଷ୍ୟତ ଗଠନରେ ମାର୍ଗ ଦର୍ଶନ କରାଇଥିବା କସିପଦା ପଞ୍ଚାୟତ ହାଇସ୍କୁଲ ର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ସହ ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବିଭାବକମାନଙ୍କ ସହ ନିକଟସ୍ଥ ଅଞ୍ଚଳରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନର ଚେୟାରମ୍ୟାନ ଶ୍ରୀଯୁକ୍ତ ସଞ୍ଜୟ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳିଗଲା ଧାନଗଦା: ପଚାଶ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଧାନ ନଷ୍ଟ

ନୀଳଗିରି, ୨୨/୧୨ (ନି.ପ୍ର): ନୀଳଗିରି ଏନଏସି ଅନ୍ତର୍ଗତ ୧୦ନଂ ୱାର୍ଡ କାହାଳିଆ ଗ୍ରାମର ଯୋଗେନ୍ଦ୍ର ପରିଡାଙ୍କ ପୁଅ ହରିଶ୍ଚନ୍ଦ୍ର ପରିଡା ନିକଟସ୍ଥ ବିଲରେ ଧାନପୁଞ୍ଜି ଗଦାମାରି ଅମଳ ଉଦ୍ଦେଶ୍ୟରେ ରଖିଥିଲେ। ହଠାତ୍ କୌଣସି କାରଣରୁ ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଉକ୍ତ କଳେଇଗଦାରେ ନିଆଁ ଲାଗିଯିବା କାରଣରୁ ପ୍ରାୟ ପଚାଶହଜାରରୁ ଉର୍ଦ୍ଧ୍ୱଟଙ୍କାର ଧାନନଷ୍ଟ ହୋଇଯାଇଥିବା ଜଣାଯାଇଛି। ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ହେଁ ସମସ୍ତ ଧାନ ଓ ନଡ଼ା ଜଳିଯାଇଥିବା ଦେଖିବାକୁ ମିଳିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ଦେବାକୁ ଦାବୀକରାଯାଇଛି।

## ବେଆଇନ ଚୋରାପଥର ବୋଝେଇ ଡମ୍ଫର ବାଲି ବୋଝେଇ ଟ୍ରାକ୍ଟର ଜବତ

ନୀଳଗିରି, ୨୨/୧୨ (ନି.ପ୍ର): କିଛିଦିନ ଧରି ନୀଳଗିରି ପୋଲିସ ଲଘୁଖଣିଜ ଚୋରାଚାଲାଣ ଉପରେ ଚଢ଼ାଉ ଜାରିରଖିଥିବା ବେଳେ ଗତ ରବିବାର ୨୧ତାରିଖ ରାତିରେ ନୀଳଗିରି ଏସ ଡି ପି ଓ ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ସରୋଜ କୁମାର ଦାସ ସଦଳବଳେ ଘାଟଘରସାହି ଛକନିକଟରେ ଦୁଇଟି ପଥର ବୋଝେଇ ଡମ୍ଫର ଓ ଅଯୋଧ୍ୟା ରାସ୍ତାରେ ଏକ ବାଲିବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି ।ଯେଉଁକାମ ଖଣି ବିଭାଗ କରିବା କଥା ସେ କାମ ପୋଲିସ କରୁଥିବା ବେଳେ ସାଧାରଣରେ ବେଶ୍ ନୀଳଗିରି ପୋଲିସକୁ ପ୍ରଶଂସା କରାଯାଉଛି।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Order No. / WE // Date:-

"E" Procurement Notice for Construction of Building works for year 2025-26.
Bid Identification No – RWDKNJ –12 / 2025-26.(Building)

1. Name of the work : Construction and repair/renovation of buildings (Res & Non-Res) for the year 2025-26 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 16.81 to 42.78 Lakhs (Approximately)
3. Class of Contractor : 'B' and 'C' Class (of Odisha P.W.D.)
4. Period of Completion : As per Annexure
5. Tender Paper Cost : Rs. 6,000/-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | RWDKNJ-12/24-25. Building | Dt. 23.12.25 at 11.00 A.M. | Dt. 31.12.25 up to 5.00 P.M. | Dt.30.12.25 up to 1.00 P.M. | Dt.01.01.2026 at 12.00 P.M. |

Further details can be seen from the website www.tendersodisha.gov.in

-Sd-
ExecutiveEngineer
R.W. Division, Karanjia

OIPR: 25086/11/0036/2526

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ




ଭଦ୍ରକ , ୨୨/୧୨ (ନି.ପ୍ର): ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ନାମ ପରିବର୍ତନକୁ ବିରୋଧ କରି ଆଜି ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱ ରେ ଶତାଧିକ ଦଳୀୟ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଫାଟକ ସମ୍ମୁଖରେ ମହାତ୍ମା ଗାନ୍ଧୀଜୀ ଙ୍କ ଫୋଟଚିତ୍ର ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆୟୋଜିତ ଏହି ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା,ଅମିତା ବାଳା ଆଚାର୍ଯ୍ୟ, ହସିନାଖାତୁନ, ବ୍ଲକ ସଭାପତି ପୀତବାସ ଧଳ, ଧାମନଗର ବ୍ଲକରମେଶ ବେହେରା, ବଳରାମ ରାଉତ, ଅନୁସୂଚିତ ଜାତିର ଜିଲ୍ଲା ସଭାପତି ବିଦ୍ୟାଧର ଜେନା, ପଦ୍ୟୁମ୍ନ ଦାସ, କାଉନସିଲ ସାହିଲ କାଦ୍ରୀ, ଯୁବନେତା ଇଲିଆସ ଅଲି ଖାଁ, ଲାଲୁ ଖାଁ, ହାଡିବନ୍ଧୁ ବିଶ୍ୱାଳ,ଦୀନବନ୍ଧୁ ଦାସ, ବିଜୟ ଦାସଙ୍କ ସମେତ ଶତାଧିକ ଦଳୀୟ ନେତା କର୍ମୀ ମାନେ ଯୋଗଦେଇ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୋଦୀ ସରକାର ହାଏ ହାଏ, ବିଜେପି ସରକାର ଡାଉନ ଡାଉନ ନାରାବାଜି ଦେଇଥିଲେ । ଜିଲ୍ଲା ସଭାପତି ଶ୍ରୀମହାନ୍ତି କେନ୍ଦ୍ରର ବିଜେପି ସରକାର ଉଦେଶ୍ୟ ମୂଳକ ଭାବେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଭଳି ଏହି ଐତିହାସିକ ଯୋଜନା ରେ ମହାତ୍ମା ଗାନ୍ଧୀଙ୍କ ନାମ କୁ ପରିବର୍ତନ କରିବାକୁ ଯେଉଁ ଷଡଯନ୍ତ୍ର କରିଛନ୍ତି ତାହାକୁ ନେଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ବୋଲି ଗଣମାଧ୍ୟମକୁ କହିଛନ୍ତି କ୍ଷକ୍ଷ ପରେ ଜିଲ୍ଲା ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଏକ ଦାବି ପତ୍ର ଡେପୁଟି କଲେକ୍ଟର ଶ୍ରୀ କାର୍ତିକ ମଣ୍ଡଳଙ୍କୁ ପ୍ରଦାନ କରିଥିଲେ।

# ବିବାହିତା ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

ନୀଳଗିରି, ୨୨/୧୨ (ନି.ପ୍ର): ଜୈନିକ ବିବାହିତା ମହିଳାଙ୍କୁ ସ୍ୱାମୀଘର ତରଫରୁ ଯୌତୁକ ନିର୍ଯ୍ୟାତନା ଦେଇଆସୁଥିଲା ବେଳେ ବାପଘର ଲୋକ ଅକ୍ଷମ ହେବାରୁ ଶେଷରେ ମହିଳାଜଣକ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନାଥାଉକି ନୀଳଗିରି ଥାନା ଅଧୀନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମର ଅରୁଣ ମଲ୍ଲିକର ପୁଅ ଜୟଦେବ ମଲ୍ଲିକ ବାହାନଗା ପଥରପେଣ୍ଟ ଅଞ୍ଚଳର ବାସନ୍ତୀଙ୍କୁ ବୈଦିକରୀତିରେ ବିବାହ କରିଥିଲେ। ବିବାହସମୟରେ କନ୍ୟାଘର ତରଫରୁ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। କିଛିବର୍ଷ ସୁଖରେ ବୈବାହିକ ଜୀବନ ଅତିବାହିତ କରିଥିବା ବେଳେ ତାଙ୍କ ଔରସରୁ ଗୋଟିଏ ୩ବର୍ଷର ଝିଅ ଏବଂ ୨ବର୍ଷର ପୁଅଟିଏ ଅଛି। କିଛିମାସଧରି ବୋହୂ ବାସନ୍ତୀଙ୍କୁ,ଶାଶୁ ମାଳତୀ ଓ ସ୍ୱାମୀ ଜୟଦେବ ଲକ୍ଷେଟଙ୍କା ଏବଂ ଏକ ବାଇକ୍, ବାପଘରୁ ଆଣିବାପାଇଁ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ଏହି ଯୌତୁକଜନିତ ମାନସିକ ନିର୍ଯ୍ୟାତନାକୁ ସହିନପାରି ସୋମବାର ଦିନପ୍ରାୟ ୧୦ଟା ସମୟରେ ସ୍ୱାମୀ, ଶଶୁର ଘରେ ନଥିବାବେଳେ ବାସନ୍ତୀ ଘରର କବାଟ ବନ୍ଦକରି ଓରାରେ ରଶିଲଗାଇ ଆତ୍ମହତ୍ୟା କରିଦେଇଛି। ଖବରପାଇ ସ୍ୱାମୀ ଓ ଶଶୁର ଘରର କବାଟଭାଙ୍ଗି ବାସନ୍ତୀଙ୍କୁ ଉଦ୍ଧାରକରି ନୀଳଗିରି ମେଡିକାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଛନ୍ତି। ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି। ଏପଟେ ବାସନ୍ତୀର ବାପଘର ଲୋକେ ଝିଅକୁ ଯୌତୁକଜନିତ ନିର୍ଯ୍ୟାତନା ଦିଆଯାଇ ମାରିଦିଆଯାଇଥିବାର ଉମାକାନ୍ତ ମଲ୍ଲିକ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ୫୪୬/୨୫ରେ ମାମଲା ରୁଜୁ ହୋଇଥିଲା ବେଳେ ଦଫା ୮୫,୮୦,୧୦୮/୩୫ବିଏନଏସ ଡିପି ଆକ୍ଟରେ କେସ ରୁଜୁ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ମୃତମହିଳାଙ୍କ ସ୍ୱାମୀ ଜୟଦେବ ମଲ୍ଲିକଙ୍କୁ ଥାନାରେ ଅଟକ ରଖାଯାଇଥିବା ଭାରାପ୍ରାପ୍ତ ଥାନାଅଧିକାରୀ ସରୋଜ କୁମାର ଦାସ ସୂଚନା ଦେଇଛନ୍ତି।

# ଡ୍ରିମ୍ସ ଆଇଡିଆଲ ସ୍କୁଲର ବାର୍ଷିକଉତ୍ସବ ଓ ରାଜ୍ୟସ୍ତରୀୟ ଶଙ୍ଖଧ୍ୱନି ପ୍ରତିଯୋଗିତା




ବାଲେଶ୍ୱର, ୨୨/୧୨ (ନି.ପ୍ର): ଡ୍ରିମ୍ସ ଆଇଡିଆଲ୍ ସ୍କୁଲ୍ ତରଫରୁ ପ୍ରାୟୋଜିତ ରାଜ୍ୟସ୍ତରୀୟ ଶଙ୍ଖ ଧ୍ୱନି ପ୍ରତିଯୋଗିତା କାର୍ଯ୍ୟକ୍ରମ ସକାଳ ୯ଘଟିକାରେ ଆରମ୍ଭରେ ହୋଇଥିଲା। କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ।ସେ ତାଙ୍କ ବକ୍ତବ୍ୟରେ ଏହିଭଳି ପ୍ରତିଯୋଗିତା ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସମିତି ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟବକ୍ତା କ୍ଷୁଦ୍ର ଉଦ୍ୟୋଗ ବିକାଶ ସମବାୟ ସମିତି ସମ୍ପାଦକ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ମହୋଦୟ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ନୃତ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ଜ୍ୟୋତିର୍ମୟୀ ସାମଲ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ । ସଭାକାର୍ଯ୍ୟ ପରିଚାଳନା କରିଥିଲେ ଡ୍ରିମ୍ସ ଶଙ୍ଖ ଧ୍ୱନି ପରିବାରର ସଭାପତି ୩୧ନମ୍ବର ୱାର୍ଡ କାଉନସିଲର ଶ୍ରୀମତୀ ରଞ୍ଜିତା ମହାପାତ୍ର । ଧନ୍ୟବାଦ ଅର୍ପଣ କରିଥିଲେ ଡ୍ରିମ୍ସ ଶଙ୍ଖ ଧ୍ୱନି ପରିବାର ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି। ଅପରାହ୍ନ ୪ଘଟିକାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲେ। ଏହାକୁ ଉଦଘାଟନ କରିଥିଲେ ମହିଳା ଓ ଶିଶୁ ବିକାଶ ବିଭାଗ। ଓଡ଼ିଶା ସରକାରଙ୍କର ଅତିରିକ୍ତ ସଚିବ ଶ୍ରୀଯୁକ୍ତ ନିଲୁ ମହାପାତ୍ର। ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାପୀଠର ପିଲାଙ୍କର ଅଭିଭାବକଙ୍କୁ ବୁଝାଇଥିଲେ ଯେ ପିଲାମାନେ କଢ଼ି ସଦୃଶ ତାଙ୍କ ପାଇଁ ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇ ବିଦ୍ୟାପୀଠର ଭୂୟସୀ ପ୍ରଶଂସା କରିବା ସହ କ୍ରୀଡ଼ା ଓ ଯୋଗ କରି ସୁସ୍ଥ ରହିବାକୁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ସର୍ବେଶ୍ୱର ଦାସ ଯୋଗ ଦେଇ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ୧୮ ୱାର୍ଡ କାଉନସିଲର ଶ୍ରୀମତୀ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ବିଦ୍ୟାଳୟର ବିଭିନ୍ନ ସଂଗଠନ ମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି 'ମହାକାଳ' ଫିଲ୍ମର ନିର୍ଦ୍ଦେଶକ ଡକ୍ଟର ଦେବବ୍ରତ ପ୍ରଧାନ ଯୋଗଦେଇ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ବହୁ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାପୀଠର ସମ୍ପାଦିକା ଶ୍ରୀମତୀ ଅଞ୍ଜଳୀ ପଣ୍ଡା ମହୋଦୟା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ବିଦ୍ୟାପୀଠର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଦ୍ୟାପୀଠର ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣ ବେଲାଭୂମି ମହୋତ୍ସବ କମିଟିର ସହ ସମ୍ପାଦକ ଶ୍ରୀ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ। ବିଦ୍ୟାଳୟ ତରଫରୁ ବିଶ୍ୱନାଥ ମିଶ୍ର , ଶିକ୍ଷୟିତ୍ରୀ ଆଞ୍ଚଲ୍ ପ୍ରିୟା ବେହେରା ଓ ଅନିତା ରାଣୀ ଦାସ, ରେହେନା ବେଗମ୍, ରୁନି ସିଂ,ଆରତୀ ବାଳା ଦାସ, ପ୍ରାକ୍ତନ ଛାତ୍ର ଅଶୋକ ଦାସ, ଶେଖ୍ ଅଲି ଅଜଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଦର୍ଶ ଥାନା ସହଦ୍ୱେ ଖୁଣ୍ଟାର ଓଉଉ ଶ୍ରୀ ବିରଞ୍ଚି ସାହୁଙ୍କୁ ମଧ ଉକ୍ତ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶଙ୍ଖ ଧ୍ୱନି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଶ୍ରୀମତୀ ରୋଜାଲିନ ପଟ୍ଟନାୟକ, ସୌରଭ କୁମାର ରଣା ଓ ରଚିତା ବେହେରାଙ୍କୁ ଉକ୍ତ ମଞ୍ଚରେ ପୁରସ୍କୃତ କରାଯାଇଥିଲା । ରେହେନା ବେଗମ, ଅନିତା ଦାସ, ଆରତୀ ବାଳା ଦାସ, ଆଞ୍ଚଲ ପ୍ରିୟା ବେହେରା, ମାମୁନି ମହାପାତ୍ର , ଶାନ୍ତିଲତା ମାଝୀ, ମୌସୁମୀ ଚାଟାର୍ଜୀ, ପୂଜା ପରିଡ଼ା , ନମିତା ବାଗ, ଜୟସ୍ମିତା ପଣ୍ଡା , ବୈଶାଖୀ ରାଧିକା ସାହୁ , ଅନନ୍ୟା ବାଗ , ପୂର୍ବାଶା ଦାସ, ରୋହିତ ନାୟକ, ରୁନି ସିଂ ପ୍ରମୁଖ କର୍ମଚାରୀ ମାନେ କାର୍ଯ୍ୟରେ ସହଯୋଗ କରିଥିଲେ ।

# ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଉଦଳା, ୨୨/୧୨ (ନି.ପ୍ର): ଉଦଳା ବ୍ଲକ ଅଂଚଳ ମଧରେ ଥିବା ଶାଳମୁଣ୍ଡଳି ଗ୍ରାମସ୍ଥିତ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ଡ଼ିସେମ୍ବର ୧୯ ତାରିଖ ଶୁକ୍ରବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହିଅବସରରେ ଦିବସ ବ୍ୟାପି ସାଧାରଣ ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ରମେଶ ମାର୍ଣ୍ଡି ସାଧାରଣ ସଭାରେ ଅଧକ୍ଷତା କରି ଶିକ୍ଷାବିନା ଜୀବନ କିପରି ଅନ୍ଧକାରମୟ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ବହୁବନ୍ଧ ଗ୍ରାମପଂଚାୟତର ସରପଂଚ ସୂର୍ଯ୍ୟନାରାୟଣ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିବା ସହ ଉତ୍ସବ ଆୟୋଜନରେ ନେତୃତ୍ୱ ନେଇଥିବା ଶିକ୍ଷକ/ ଶିକ୍ଷୟିତ୍ରି ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଂଜନ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଜୀବନ ବଂଚିବା ପାଇଁ ଶିକ୍ଷା କିପରି ବର୍ତମାନ ଅତ୍ୟାବଶ୍ୟକରେ ପରିଣତ ହୋଇଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ନାଏବ ସରପଂଚ ପୁଷ୍ପଲତା କୁଅଁର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟରେ ଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ ସକାଶେ ସେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରି ଅନନ୍ୟା ମଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରି ଗିତାଞ୍ଜଳି ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ସମୟରେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ଶିକ୍ଷୟିତ୍ରି ତପସ୍ୱିନି ପାତ୍ର ବିବରଣି ପାଠ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଯୋଗଦେଇ ତାଙ୍କର ଠାଣିରେ ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମନୋରମା ସିଂ, ଧିରେନ୍ଦ୍ର ବେହେରା, ସୁଶାନ୍ତ ଗାଁଣ ପ୍ରମୁଖ ସହଯୋଗ କରିଥିଲେ ।

## ଏୟାର ଇଣ୍ଡିଆ ବିମାନର ଜରୁରୀ ଲ୍ୟାଣ୍ଡିଂ: ସମସ୍ତ ଯାତ୍ରୀ ସୁରକ୍ଷିତ

ନୂଆଦିଲ୍ଲୀ, ୨୨/୧୨ :ଆଜି ସକାଳେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦରରୁ ମୁମ୍ବାଇ ପାଇଁ ଉଡାଣ ଭରିଥିବା ଏୟାର ଇଣ୍ଡିଆର ଫ୍ଲାଇଟ ସଂଖ୍ୟା ଏଆଇ-୮୮୭ କୁ କିଛି ମିନିଟ ପରେ ଆକାଶରୁ ଫେରାଇ ଆଣାଯାଇଛି। ଏହି ବିମାନର ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଔପଚାରିକ ସୂଚନା ଅନୁସାରେ, ଏୟାର ଇଣ୍ଡିଆର ଉଡ଼ାଣ ସଂଖ୍ୟା ଏଆଇ -୮୮୭ କୁ ଟେକ୍ନିକାଲ ତ୍ରୁଟି ପାଇଁ ମୁମ୍ବାଇ ପାଇଁ ତାହାର ଯାତ୍ରା ମଧରେ ଅଟକାଇ ଦିଲ୍ଲୀକୁ ଫେରିବାକୁ ପଡ଼ିଥିଲା। ବିମାନରେ ସାରିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ବିମାନଟି ଦିଲ୍ଲୀ ବିମାନବନ୍ଦରରୁ ନିର୍ଦ୍ଧାରିତ ସମୟରେ ଟେକଅଫ କରିଥିଲା, କିନ୍ତୁ ଉଡ଼ାଣ ପରେ କକପିଟରେ ଯାନ୍ତ୍ରିକ ତ୍ରୁଟିର ସଙ୍କେତ ଦେଖାଦେଇଥିଲା। ପାଇଲଟ୍ ସତର୍କତା ପ୍ରଦର୍ଶନ କରି ବିମାନଟିକୁ ଫେରାଇ ଆଣିବାର ନିଷ୍ପତ୍ତି ନେଇଥିଲେ। ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ ଏୟାର ଇଣ୍ଡିଆ କହିଛି ଯେ ଯାତ୍ରୀମାନଙ୍କର ସୁରକ୍ଷା ସର୍ବୋପରି। ପ୍ରବକ୍ତା କହିଛନ୍ତି ଯେ ଫ୍ଲାଇଟ ସଂଖ୍ୟା ଏଆଇ-୮୮୭ ଟେକଅଫ ପରେ କିଛି ସମୟ ମଧରେ ଯାନ୍ତ୍ରିକ ତ୍ରୁଟି ହେତୁ ଫେରିଆସିଥିଲା।

# ଲୋକତତ୍ତ୍ୱ ଓ ସାରଳା ମହାଭାରତ ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର, ୨୨/୧୨ (ନି.ପ୍ର): ଆଜି ଅପରାହ୍ନ ୫ଟାରେ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ମେଳାରେ ଡକ୍ଟର ନଳିନୀ ପ୍ରଭା ମହାପାତ୍ରଙ୍କ ପୁସ୍ତକ 'ଲୋକତତ୍ୱ ଓ ସାରଳା ମହାଭାରତ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ଉକ୍ତ ପୁସ୍ତକଟି ବିଜୟିନି ପବ୍ଲିକେସନ ଦ୍ୱାରା ପ୍ରକାଶିତ ହୋଇଛି। ଡକ୍ଟର ମହାପାତ୍ରଙ୍କର ଏହା ଚତୁର୍ଥ ପୁସ୍ତକ। ଡକ୍ଟର ମହାପାତ୍ର ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ', ସହୀଦ ନଗରର ପୂରାତନ ଅଧକ୍ଷା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।ଏହି ସଭାରେ ଡକ୍ଟର ରମେଶ ଚନ୍ଦ୍ର ବେହେରା, ଡକ୍ଟର ରଜନୀ ରଂଜନ ଦାସ ,ଡକ୍ଟର ଅନୁରାଧା ମହାପାତ୍ର, ଉମେଶ ଚନ୍ଦ୍ର ପ୍ରଧାନ, ଅମରେନ୍ଦ୍ର ମହାପାତ୍ର, ରବୀନ୍ଦ୍ରନାଥ ମିଶ୍ର, ଇଂ ଚଣ୍ଡୀ ପ୍ରସାଦ ମହାପାତ୍ର, ସାହିତ୍ୟିକା ବିମଳା ସିଂ, ସାମ୍ବାଦିକ ଦୁର୍ଗା ସାମନ୍ତରାୟ, ସମାଜସେବୀ ବିନୋଦୀନି ପାତ୍ର, ନିନାଦିନୀ ମହାନ୍ତି, ପ୍ରାଧାପିକା ବନଜ ବାସିନୀ ମହାପାତ୍ର, ଦେବଦାସ ସାମନ୍ତରାୟ, ରକ୍ଷକ ନାୟକ ଓ ଅନେକ ପାଠକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ଏହି ପୁସ୍ତକଟି ନିଶ୍ଚିତ ଭାବେ ପାଠକ ମାନଙ୍କ ଦ୍ୱାରା ଆଦୃତ ହେବ।

# ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୨୨/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହରେକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ପୂରାତନ ବିଦ୍ୟାର୍ଥୀ ପରିଷଦ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତାରାପଦ ମାହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ବିଶିଷ୍ଟ ସମାଜସ୍ୱେୀ ତଥା ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସରପଞ୍ଚ ତପନୀ ଭୂୟାଁ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାର ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନ, ପରିଚାଳନା କମିଟି ସଭାପତି କେଦାର ଚରଣ ଗିରି, ଯୋକାପାଟଣା ଡି.ଏନ.ପଞ୍ଚାୟତ ହାଇସ୍କୁଲ କେଶବ ଚନ୍ଦ୍ର ପରିଡା, ଛମୌଜ କ୍ଲଷ୍ଟର ସିଆରସିସି ଅଜିତ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସତ୍ୟ ସୁନ୍ଦର ସାହୁ ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ସଞ୍ଜୀବ କୁମାର ପ୍ରାମାଣିକ ବାର୍ଷିକ ବୀବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ପ୍ରଦୀପ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଅତିଥି ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ଶେଷରେ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସଞ୍ଜୀବ କୁମାର ପ୍ରାମାଣିକ, ଆଶିଷ କୁମାର ଦତ୍ତ, ସତ୍ୟରଞ୍ଜନ ସାହୁ, ପ୍ରଦୀପ କୁମାର ଦାସ,ସେକ ନେସାର ଅହମ୍ମଦ, ଆଦ୍ୟାସା ହେମ୍ବ୍ରମ, ଦେବସ୍ମିତା ଗିରି, ଅନୁରାଧା ରାଉଳ, ଆଶୁତୋଷ ରଥ, ମମତା ଭଞ୍ଜ, ପ୍ରଶନ୍ତି ବାଳା ଦତ୍ତ, ମୌସୁମୀ ପାଲ, ସୁରଜ ଦାସ ମହାପାତ୍ର, ଶୁଭଶ୍ରୀ ଭୂୟାଁ, କିରାଣୀ ପ୍ରଦୀପ କୁମାର ଦାସ, ସବିତା ସାମଲ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୦୦୮ ମସିହା ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ



ବାସୁଦେବପୁର, ୨୨/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଣୁ ଚରଣ ଉଚ୍ଚ ବିଦ୍ୟାଳୟ ଚୂଡ଼ାମଣିର ୨୦୦୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ମାନଙ୍କର ବନ୍ଧୁ ମିଳନ ପର୍ବ ସ୍ଥାନୀୟ ଚୂଡ଼ାମଣି ଝାଉଁବଣ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବନ୍ଧୁ ମିଳନ ପର୍ବରେ ଉମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ମାନେ ପୁରୁଣା ଦିନର ସ୍ମୃତିକୁ ନେଇ ନିଜ ନିଜର ସଂକ୍ଷିପ୍ତ କଥା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ଯାହା ଚେଷ୍ଟା କରି ହଜେଇ ହୁଏନାହିଁ ତାହା ବୋଧ ହୁଏ ସ୍ମୃତି। ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଠ ପଢା ତଥା ପରିଶ୍ରମ ଏବଂ ଜନ୍ମଭୂମି, କର୍ମଭୂମି ଓ ମା ମାଟି ମାତୃଭାଷାର ଋଣ କେବେ ସୁଝି ହେବ ନାହିଁ ବୋଲି ପୁରାତନ ଛାତ୍ର ମାନେ ମତ ପ୍ରକାଶ କରିଥିଲେ। ଶେଷରେ ଚର୍ଚ୍ଚିତ ଯୁବ କବି ଓ ଗାଳ୍ପିକ ସତ୍ୟବ୍ରତ ସେଠୀ ଶେଷ ସ୍ପର୍ଶ ଦେଇଥିଲେ। ଏହି ବନ୍ଧୁ ମିଳନ ପର୍ବରେ ରାଜେଶ ନାୟକ, ଶିବଶମ୍ଭୁ ନାୟକ, ଶ୍ରୀକାନ୍ତ ଦଳେଇ, ସନାତନ ରଣା, ସୁବ୍ରତ ମଲ୍ଲିକ, ଅଭିଷେକ ଗିରି, ହେମନ୍ତ ରାଉତ, ଚନ୍ଦନ ଦଳେଇ, ମନୋଜ ସାମଲ, ସଂଜିତ୍ ସାମଲ, ସର୍ବେଶ୍ୱର ରଣା, ହେମନ୍ତ ରାଉତ, ସୌରଭ କୁମାର ଜେନା, ରମେଶ ଜେନା, ହେମନ୍ତ ବାରିକ୍ ପ୍ରମୁଖ ଯୋଗ ଦେଇ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଡକ୍ଟରେଟ ପାଇଲେ ସମାଜସେବୀ ଅମର କୁମାର ପାଳ




ବସ୍ତା ୨୨.୧୨(ନିପ୍ର) ଦୀର୍ଘ ୩୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ନିଜର ତ୍ୟାଗ, ନିଷ୍ଠା ,କର୍ମ, କର୍ତ୍ତବ୍ୟ ପରାୟଣତା ଓ ଉତ୍ସର୍ଗୀକୃତ ମନୋଭାବ ନେଇ ସମାଜର ଅବହେଳିତ ଦିବ୍ୟାଙ୍ଗ ମାନଙ୍କର ସେବା କରି ଚାଲିଥିବା ବସ୍ତା ବ୍ଲକ ଅନ୍ତର୍ଗତ ସାନଖୁଡ଼ି ଗ୍ରାମର ସମାଜସେବୀ ତଥା ଆଡଭୋକେଟ୍ ଶ୍ରୀଯୁକ୍ତ ଅମର କୁମାର ପାଳ ଙ୍କୁ ରାଷ୍ଟ୍ରୀୟ ସମ୍ବାଦ ୟୁନିଭରସାଲ ବ୍ରଦରହୁଡ଼ ପିସ୍ ୟୁନିଭର୍ସିଟ୍ ତରଫରୁ ସମ୍ମାନସୂଚକ ' ଡ଼କ୍ଟରେଟ୍' ଉପାଧି ପ୍ରଦାନ କରାଯାଇଅଛି। ବାରିପଦା ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଚେୟାରମ୍ୟାନ ଡକ୍ଟର ମନୋରଞ୍ଜନ ଦାସ ଓ ଭି.ସି. ଡ଼କ୍ଟର ଭାଗବତ ପ୍ରସାଦ ଦାସ ଏହି ଉପାଧି ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀଯୁକ୍ତ ପାଳ ଙ୍କ ଦ୍ୱାରା ଗଠିତ ସ୍ୱେଚ୍ଛାସେବୀ ସଂଗଠନ 'ଆଶା' ସାନଖୁଡ଼ି, ବସ୍ତା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦିବ୍ୟାଙ୍ଗ ଓ ଅବହେଳିତ ଲୋକମାନଙ୍କ ନିମନ୍ତେ କାର୍ଯ୍ୟ କରି ଆସୁଅଛି ।

# ଅଲଚିକି ଲିପିର ଶତବାର୍ଷିକୀ ପାଳିତ ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଅନାବରଣ




ଲଙ୍ଗଳେଶ୍ୱର, ୨୨/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ଡିଗ୍ରୀପାହି ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ ପକ୍ଷରୁ ଶୁକ୍ରବାର ଅଲଚିକି ଲିପିର ଶତ ବାର୍ଷିକୀ ଉତ୍ସବ ପାଳିତ ହୋଇ ଯାଇଛି। ବାଲେଶ୍ୱର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରାଧାପକ ଡ଼ଃ ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟକ ଭାବରେ ଯୋଗ ଦେଇ ନବ ନିର୍ମିତ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରାଘୁ ନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିକୁ ଅନାଭରଣ କରିଥିଲେ। ଏହି ଅବସରରେ ସାନ୍ତାଳୀ ଭାଷା ଅଲଚିକି ଶିକ୍ଷା ଓ ସଂସ୍କୃତି ସଂରକ୍ଷଣ ବିଷୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ କୁଳପତି ପ୍ରଫେସର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଭାଷା ହିଁ ପ୍ରତ୍ୟେକ ଜାତିର ଜୀବନୀ ଶକ୍ତି ବୋଲି କହିଥିଲେ। ଲିପି ଓ ଭାଷାର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ସେ ମଧ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା କଲେଜର ପ୍ରଫେସର ନେହା ମୁର୍ମୁ ଯୋଗ ଦେଇ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସରୋଜ କୁମାର ସରେନ, ସୁନ୍ଦର ମୋହନ ସରେନ, ବାବୁଲୁ ମୁର୍ମୁ, ରକେଟ ମୁର୍ମୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଡ଼ଃ ଦାକ୍ଷିନ ମୁର୍ମୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ସୁମିତା ମୁର୍ମୁ, ଜ୍ୟୋସ୍ନା ରାଣୀ ହାସଦା, ପୀଛ କିସ୍କୁ , ଦୁର୍ଗା ମୁର୍ମୁ, ଚନ୍ଦ୍ର ମୋହନ ହାସଦା, କାର୍ତ୍ତିକ ମୁର୍ମୁ, ଚରଣ ସରେନ, ଅନନ୍ତ ମାର୍ଣ୍ଡି, ରବି ମୁର୍ମୁ, ଟୁକୁ ମାର୍ଣ୍ଡି, ରାଜ ଟୁଡ୍ଡୁ, ବରେନ୍ଦ୍ର ମୁର୍ମୁ, ଗୁରୁଭା ହେମ୍ବ୍ରମ ପ୍ରମୁଖ କାଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଅନୁଷ୍ଠାନ ର ସମ୍ପାଦକ ଭୀଲୁ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।


# ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭


❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida